
# ଶୁଭଦୃଷ୍ଟି



୩ୟ ବର୍ଷ ୩ୟ ସଂଖ୍ୟା , ଜୁନ୍ - ଜୁଲାଇ ୨୦୨୨

# ଶୁଭଦୃଷ୍ଟି

## ସୃଜନଶୀଳତାର ଦୁଇ ବର୍ଷ

ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର କେବଳ ଲେଖକଙ୍କର ରହିବ। କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ ଲେଖକଙ୍କର, ଏଥିପାଇଁ ପତ୍ରିକା କିମ୍ବା ସମ୍ପାଦକ ଉତ୍ତରଦାୟୀ ନୁହନ୍ତି।

ପତ୍ରିକାର ପ୍ରତ୍ୟେକ ସଂସ୍କରଣରେ ଜଣେ ଲେଖକଙ୍କର ଯେ କୌଣସି ବିଭାଗରେ କେବଳ ଗୋଟିଏ ଲେଖା ପ୍ରକାଶିତ ହୋଇଥାଏ, ତେଣୁ ପ୍ରତ୍ୟେକ ସଂସ୍କରଣ ନିମନ୍ତେ ନିଜର ଗୋଟିଏ ଲେଖା ପଠାନ୍ତୁ। ପତ୍ରିକା ପାଇଁ ଲେଖାଦେବା ସମୟରେ ଧ୍ୟାନ ରଖନ୍ତୁ ଲେଖାଟିକୁ ଟାଇପ୍ କରି ୱାର୍ଡ ଫାଇଲ୍ ରେ ପଠାନ୍ତୁ। ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ ନଚେତ୍ ଏକ ସୁନ୍ଦର ଫଟୋ ଏବଂ ଠିକଣା ଲେଖି ପଠାଇବେ। ଫଟୋ କିମ୍ବା ପି ଡି ଏଫ୍ ଫାଇଲରେ ପଠାଯାଇଥିବା ଲେଖା ଗ୍ରହଣୀୟ ନୁହେଁ।

ଶୁଭଦୃଷ୍ଟି ଏକ ଦ୍ୱିମାସିକ ଇ ପତ୍ରିକା।  ଏହାର ଆଗାମୀ ସଂସ୍କରଣ ଅଗଷ୍ଟ ୨୦୨୨ ରେ ପ୍ରକାଶିତ ହେବ। ଏଥିପାଇଁ ଲେଖା ପଠାଇବାର ଶେଷ ତାରିଖ ଜୁଲାଇ ୩୧,୨୦୨୨।

ଆମର ଲେଖା ସଂଗ୍ରହ ଇମେଲ୍ - **shubhdristi2018@gmail.com**
**editor@shubhdristi.in**

**୩ୟ ବର୍ଷ ॥ ୩ୟ ସଂଖ୍ୟା**

ଶୁଭଦୃଷ୍ଟି
ଜୁନ୍ - ଜୁଲାଇ ୨୦୨୨

# ଭିତର ପୃଷ୍ଠାରେ

## ପ୍ରବନ୍ଧ

05 ସ୍ନାନ ପୂର୍ଣ୍ଣିମା - ପ୍ରମୋଦ କୁମାର ପଣ୍ଡା

11 ଅଗ୍ନିପଥ ରାସ୍ତାରେ କଣ୍ଟା କିଏ - ନିଗମ ବେହେରା

## କାହାଣୀ

19 ନ୍ୟାୟତ୍ରସ୍ତା - ଅନସୂୟା ପଣ୍ଡା

22 ସୁଖନିଦ୍ରା - କ୍ଷୀରାବ୍ଧି ଦାଶ

24 ବର୍ଷାଭିଜା ରାତି - ଡା ପ୍ରତୀକ କୁମାର ପହି

## କବିତା

34 ବିଶ୍ୱରେ ବିରଳ ଜଗନ୍ନାଥ - ସତ୍ୟାନନ୍ଦ ପାଣିଗ୍ରାହୀ

36 ନିଶ୍ଚିନ୍ତା ସ୍ନାନ - ହିମାଂଶୁ ଭୂଷଣ ସାହୁ

37 କାଗଜର ଗୁଚ୍ଛ - ବର୍ଷା ବୈଶାଳୀ ପ୍ରଧାନ

38 ସାଇକେଲ - ସର୍ବେଶ୍ୱର ସାହୁ

40 ପାନ୍ଥଶାଳାର କ୍ଳାନ୍ତ ଅତିଥି - ଶୁଭସ୍ମିତା ଦାସ

41 ମୋ ପ୍ରିୟା - ଶୁଭମ୍ ନାଥ

44 ଅଶାନ୍ତ ଉର୍ମି - ମମତା ଦାସ



## ସାକ୍ଷାତକାର

ଅଭିନେତା ଦେବାଶିଷ ଦାଶ
ପ୍ରସ୍ତୁତି - ଅଭିଲିପ୍ସା ପାଢୀ, ଏ ପି ଶୁଭକାନ୍ତ / p15





## ଆମ କଥାଚିତ୍ର

ଲଳିତା । ୧୯୪୮
ସଂଗ୍ରାମ କେଶରୀ ସେନାପତି (ଗପୁ) / P31

## ସ୍ମରଣୀୟ ସାହିତ୍ୟ

ଆହେ ଓଡ଼ିଶାର ଜନତା
ମନମୋହନ ମିଶ୍ର / p46



ଶୁଭଦୃଷ୍ଟି

ସୃଜନଶୀଳତାର ଦୁଇ ବର୍ଷ

**୩ୟ ବର୍ଷ ॥ ୩ୟ ସଂଖ୍ୟା**


# ସମ୍ପାଦକୀୟ




**ମୁଖ୍ୟ ସମ୍ପାଦକ**

ଏ ପି ଶୁଭକାନ୍ତ ସାମଲ

**ସମ୍ପାଦନା ମଣ୍ଡଳୀ**

ପ୍ରଭାତ କୁମାର ବଳ

ଅଭିଲିପ୍ସା ପାଢ଼ୀ

ଓମ୍ ପ୍ରକାଶ ବିଶ୍ୱାଳ

ପ୍ରତ୍ୟୁଷ ଦେବାଶିଷ

**ପ୍ରଚ୍ଛଦ**

ଲକ୍ଷ୍ମୀପ୍ରିୟା ସାମଲ

**ଅଲଙ୍କରଣ**

ଜୁବୁନ୍


ମନର ବେଦନା ସବୁକୁ ମୌସୁମୀର ପବନରେ ଉଡେଇ ନେବାକୁ ଆସେ ପର୍ବଟିଏ । ଦେହର ଉଷ୍ମ ପରିଧିରେ ଶୀତଳତାର ସମାଗମ କରେ ପର୍ବଟିଏ । ପର୍ବଟି ଉତ୍ସବକୁ ଆମନ୍ତ୍ରିତ କରେନି ବରଂ ହର୍ଷ ଉଲ୍ଲାସରେ ମନକୁ ଉଚ୍ଛନ୍ନ କରାଏ । ମଣିଷର ପ୍ରକୃତି ହିଁ ପର୍ବମୟ । ଏହା ମଧ୍ୟରେ ସେ ଦେଖେ ଜାତୀୟତା, ଭାଇଚାରା, ଜୀବନ, ଜୀବିକା, ପରିବେଶ । ଈଶ୍ୱରଙ୍କୁ ତାଙ୍କର ଅନବଦ୍ୟ ସୃଷ୍ଟି ପାଇଁ କୃତଜ୍ଞତା ଜଣାଇବାର ମାଧ୍ୟମ ଅଟେ ପର୍ବ। ସଂସ୍କୃତିର ରାଜ୍ୟ ଓଡ଼ିଶା ହେଉଛି ପର୍ବର ମାଟି । ପ୍ରକୃତିର ପ୍ରକୃତ ପୂଜାରେ ବିଶ୍ୱାସ ରଖିଛି ଏ ଓଡ଼ିଆ ଜାତି । ମାଟି ଉପରେ ପାଦ ଥୋଉ ଥୋଉ ତା'ର ପାଖେ କୃତଜ୍ଞ ହୋଇ ଓଡ଼ିଆ ଜାତି ପୂଜି ବସିଛି ଏ ମାଟିକୁ । ସେ ବୁଝିଛି ମାଟିର ଯନ୍ତ୍ରଣା । ତା'ର ରଜସ୍ୱଳା ହେବାର ଅପ୍ରତିଭ ପରିସ୍ଥିତିରେ ସେ ପୂଜି ବସିଛି ତାକୁ ଘରର ଠାକୁରାଣୀ କରି ।

ମୌସୁମୀ ପ୍ରଥମ ପ୍ରବେଶରେ ମାଟିର ଉଷ୍ମତା ଶାନ୍ତ କରିଛି ପ୍ରଥମ ବର୍ଷା । ମାଟି ମା'ର ଗର୍ଭରେ ନୂତନ ବୀଜ ଅଙ୍କୁରିତ ହେବାର ସନ୍ଦେଶ ଆସିଛି । ଖୁସିରେ ଲହରୀ ଖେଳିଛି ପ୍ରତିଟି ପ୍ରାଣରେ । ପର୍ବ , ପ୍ରକୃତି ଓ ପରିବେଶର ହୋଇଛି ମହାମିଳନ। ଏଇ ତ ଏ ମାଟିର ଏ ଜାତିର ସ୍ୱତନ୍ତ୍ରତା ।

ପ୍ରଭାତ କୁମାର


**Digitally Published by**
**A P Subhakanta Samal**
**on behalf of Shubhdristi.**
**UDYAM-OD-13-0001171.**

**SHUBHDRISTI**
**Sati Nivas, Haripur, Khadianga,**
**Jajpur 755049.**

# ଏଥର ପ୍ରଚ୍ଛଦ ପୃଷ୍ଠା ରେ





ଓଡ଼ିଆ ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ରଥଯାତ୍ରାକୁ ଦୃଷ୍ଟିରେ ରଖି ଚିତ୍ରଶିଳ୍ପୀ ଲକ୍ଷ୍ମୀପ୍ରିୟା ସାମଲ ପ୍ରସ୍ତୁତ କରିଛନ୍ତି ପତ୍ରିକାର ଏ ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠା

# ସ୍ନାନ ପୂର୍ଣ୍ଣିମା

ପ୍ରମୋଦ କୁମାର ପଣ୍ଡା



ମହାପ୍ରଭୁ ଶ୍ରୀଜଗନ୍ନାଥ ସୃଷ୍ଟି, ସ୍ଥିତି ଲୟ ସବୁଠାରୁ ଉର୍ଦ୍ଧ୍ୱରେ ଅଟନ୍ତି। ପୌରାଣିକ ଉପାଖ୍ୟାନ ଅନୁସାରେ ପ୍ରଳୟ ଉପରାନ୍ତ ସୃଷ୍ଟିର ଆରମ୍ଭ ସମୟରେ ବଟପତ୍ରରେ ଶାୟିତ ଶିଶୁ ରୂପେ ମାର୍କେଣ୍ଡେୟ ଋଷିଙ୍କ ପୁରୁଷୋତ୍ତମଙ୍କ ଦର୍ଶନ କରିବା ସୃଷ୍ଟି, ସ୍ଥିତି ଓ ଲୟ ତତ୍ତ୍ୱର ଅନ୍ତର୍ଦର୍ଶନରେ କରା ଯାଇଛି। ନବମ ଶତାବ୍ଦୀର ସନ୍ଥ ଅଚ୍ୟୁତାନନ୍ଦ ଦାସଙ୍କ ଅନ୍ତର୍ଦୃଷ୍ଟିରେ ପ୍ରତିଫଳିତ ୨୨ ପାହାଚେ ମୀନ ଖେଳିବ ପଦ ସମୁଦ୍ର ଜଳ ରତ୍ନବେଦୀ ବା ମହାବେଦୀ ଛୁଇଁବା ସମୟର ଭବିଷ୍ୟବାଣୀ ଥିଲା। ଜଳାର୍ଣ୍ଣବେ ପୃଥିବୀର ଶେଷାବସ୍ଥା ତଥା ସୃଷ୍ଟି ଠାରେ ହିଁ ପୃଥିବୀର ପ୍ରଳୟକାଳୀନ ବିଲୟ ସମୟର ଚିତ୍ର ପରିକଳ୍ପନା ସେ କରିଥିଲେ। ଏହା ସମୁଦ୍ରରେ ଜଳ ସ୍ତର ବଢିବା ସନ୍ଦର୍ଭରେ ତାଙ୍କ ଅନ୍ତର୍ମନରେ ସ୍ଫୁରିତ ହୋଇଥିଲା।ସମ୍ଭବତଃ ଧବଳଗିରି ଓରଫ ନୀଳଶୈଳର ମହାବେଦୀ ଯେ ସ୍ୱୟଂ ଶାଳଗ୍ରାମ ଅଟନ୍ତି, ସନ୍ଥ ଅଚ୍ୟୁତାନନ୍ଦ ଅନ୍ତର୍ଦୃଷ୍ଟିରେ ଦେଖି ସୃଷ୍ଟି, ସ୍ଥିତି ଓ ଲୟ ତତ୍ତ୍ୱ ସନ୍ଦର୍ଭରେ ୨୨ ପାହାଚେ ମୀନ ଖେଳିବର ପରିକଳ୍ପନା କରିଥିଲେ। ୭୫ ସହସ୍ର ବର୍ଷ ତଳେ ସୁମାତ୍ରା (ଇଣ୍ଡୋନେସିଆ) ର ବିଶାଳ ଆଗ୍ନେୟଗିରି ର ଲେଲିହାନ ବହ୍ନିରେ ଭାରତବର୍ଷର ଦକ୍ଷିଣ ପୂର୍ବରେ ଅବସ୍ଥିତ ଇଣ୍ଡୋନେସିଆ ର ଜନଜୀବନ, ବୃକ୍ଷଲତା ଓ ପଶୁପକ୍ଷୀଙ୍କ ସମୂଳେ ଧ୍ୱଂସ ପାଇବାର ବିକଟାଳ ଦୃଶ୍ୟ ତଥା ସେଥିରୁ ବିଛାଡି ହୋଇ ସମ୍ପୂର୍ଣ୍ଣ ଭାରତବର୍ଷରେ ଆଣ୍ଠୁଏ ବହଳର ଭସ୍ମ ପଡିଥିବା ଦୃଶ୍ୟର ଏକମାତ୍ର ନିଷ୍ଠୁର ସାକ୍ଷୀ ସ୍ୱରୂପ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ପରେ ସବୁଠାରୁ ପ୍ରାଚୀନତମ ଜୀବନ୍ତ ଶାଳଗ୍ରାମଙ୍କ ଅବସ୍ଥାନ ରହିଥିବା ଧବଳଗିରି ଥିଲେ। ଏହାକୁ ବ୍ରହ୍ମପୁରାଣରେ ଶ୍ରୀମନ୍ଦିର ରୋହିଣୀକୁଣ୍ଡ ଠାରେ ସୃଷ୍ଟି ଆରମ୍ଭ ସମୟରେ ଜଳସ୍ତର କମିବା ଓ ସୃଷ୍ଟି ବିଲୟ ବେଳେ ଜଳସ୍ତର ବଢିବା ରୂପେ ବର୍ଣ୍ଣନା କରାଯାଇଛି। ଭିନ୍ନ ଭିନ୍ନ ସମୟରେ ତାଙ୍କ ବିଭିନ୍ନ ପ୍ରତିରୂପ ନିର୍ଗୁଣ, ନିରାକାର ସ୍ୱରୂପର ଉପାସନା ପଦ୍ଧତ୍ତିର ପ୍ରଚଳନ ପୂର୍ବ-ମହୋଦଧୀ ତଟରେ ସର୍ବ ପ୍ରଥମେ ଆରମ୍ଭ ହୋଇଥିବା ପଶ୍ଚାତଦେଶରେ ସମୟ ଅନୁସାରେ ଜଳରୁ ଭୂମିର ସୃଷ୍ଟି ସମ୍ବନ୍ଧିତ ବ୍ୟାଖ୍ୟାର ଫେରନ୍ତା ତତ୍ତ୍ୱ (**ଭୂମି ପୁନର୍ବାର ଜଳରେ ପୂର୍ଣ୍ଣ**) ଅଟେ।

ଅଖଣ୍ଡ ଭାରତବର୍ଷର ଋଷି ପରମ୍ପରା ଅନୁଯାୟୀ ପୂର୍ବ ଭାଗ ମହାବେଦୀଙ୍କ ନିମନ୍ତେ ଦେବପ୍ରସ୍ଥ ରୂପେ ନାମିତ। ଦେବପ୍ରସ୍ଥ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ସ୍ୱପ୍ନଷ୍ଟତା ଶକ୍ତି ସଙ୍ଗମ ତନ୍ତ୍ର, ସୁନ୍ଦରୀ ଖଣ୍ଡ, ୮/୧୬ ରେ (**ଶ୍ରୀରଙ୍ଗୋ ଦକ୍ଷିଣେ ପ୍ରୋକ୍ତୋ ଗାୟତ୍ରୀ ପସ୍ଚିମେ ଭବେତ୍। ପୂର୍ବେଚୈବ ଜଗନ୍ନାଥସ୍ତୁତ୍ତରେଅମରକଣ୍ଟକମ୍।। - ଦକ୍ଷିଣରେ ଶ୍ରୀରଙ୍ଗ, ପଶ୍ଚିମରେ ଗାୟତ୍ରୀ, ପୂର୍ବ ଭାଗରେ ଜଗନ୍ନାଥ, ଉତ୍ତରରେ ଅମରକଣ୍ଟକ; ସୌ: ଓଡ୍ରଦେଶର ଇତିହାସ**) କରୁଛନ୍ତି। ଦେବପ୍ରସ୍ଥରେ ବ୍ରହ୍ମବନ ରହିଛି। ବ୍ରହ୍ମବନ ଧବଳଗିରି (**ନୀଳଶୈଳର ପ୍ରାଚୀନ ନାମ**) ରେ ସ୍ଥିତ ବିଶ୍ୱର ସର୍ବପ୍ରାଚୀନ ତଥା ବୃହତ୍ତମ ଶାଳଗ୍ରାମ (**ମହାଭାରତର ବନପର୍ବରେ ବର୍ଣ୍ଣିତ ମହାବେଦୀ**) ତା'ର କାରଣ ଅଟନ୍ତି। ଶ୍ରୀମନ୍ଦିରର ରତ୍ନ ସିଂହାସନ ନିମନ୍ତେ ଗଣ୍ଡୁକୀ ନଦୀର ଶିଳା ଶାଳଗ୍ରାମ ରୂପେ ବ୍ୟବହୃତ ହେବା ନିକଟ ଅତୀତର ଜନଶ୍ରୁତି ଅଟେ।

ସେହି ମହାବେଦୀରେ ବିରାଜିତ ଅଯୋନିସମ୍ଭୂତା-ଚତୁର୍ଦ୍ଧାମୂର୍ତ୍ତି-ବ୍ରହ୍ମଙ୍କୁ ସମୟର ଚଳନ ଅନୁସାରେ ଚିହ୍ନଟ କରିବାକୁ ସୁଦୂର ଅତୀତରୁ ତାଙ୍କ ସଗୁଣ ଉପାସନା ପଦ୍ଧତି ଆରମ୍ଭ କରିଥିବା ପାତ୍ର ଯଥା, ଇନ୍ଦ୍ରଦ୍ୟୁମ୍ନ,

ଗାଲମାଧବ, ବିଶ୍ୱାବସୁ, ବିଦ୍ୟାପତି ଓ ସମୁଦ୍ର ତଟରେ ଭାସି ଆସି ଲାଗିଥିବା ତାଙ୍କ ଦାରୁ-ବିଗ୍ରହଙ୍କ ଉପାସନାର କିମ୍ବଦନ୍ତୀ ମିଳେ ଯାହା ୩ ଟି କାଳକ୍ରମରେ ଘଟିତ ହୋଇ ପରବର୍ତ୍ତୀ ସମୟରେ ଏକକାଳୀନ ପ୍ରକାଶିତ ହୋଇଥିବା ଅନୁମିତ ହୁଏ। ଶ୍ରୀମନ୍ଦିର ରୀତିନୀତିକୁ ପରିଚାଳିତ କରୁଥିବା ୪ଟି ଗ୍ରନ୍ଥ ମାନଙ୍କ ମଧ୍ୟରୁ ନୀଳାଦ୍ରି (ପଣ୍ଡା) ମହୋଦୟ କହନ୍ତି – ବ୍ରହ୍ମାଙ୍କର ପଞ୍ଚମ ବଂଶରେ ଜନ୍ମିତ ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିରରେ ବିଗ୍ରହଙ୍କ ପ୍ରତିଷ୍ଠା ନିମନ୍ତେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବାକୁ ବ୍ରହ୍ମଲୋକକୁ ଯାଇ ଫେରି ପାରି ନାହାଁନ୍ତି। ପରେ ସେ ଫେରିଲା ପରେ ଆଉ ଜଣେ ରାଜା ରାଜତ୍ୱ କରୁଥିବା ଉପାଖ୍ୟାନ ଦ୍ୱାରା ସମୟର ନିରନ୍ତର ସ୍ରୋତକୁ ଗୋଟିଏ ସମୟରେ ବାନ୍ଧି ଦିଆ ଯାଇଛି। ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତ୍ତମଙ୍କ ପୂଜନ ଆରମ୍ଭ ସମ୍ବନ୍ଧରେ ପୂର୍ବରୁ ରହିଥିବା ଶୃତି ଓ ସ୍ମୃତି ଉପରେ ପର୍ଯ୍ୟବେଶିତ କିମ୍ବଦନ୍ତୀର ବିଶ୍ଳେଷଣ ଆବଶ୍ୟକ ଅଟେ। ମହାପ୍ରଭୁଙ୍କୁ କେନ୍ଦ୍ର କରି ପ୍ରାଚୀନ ସମୟରୁ ଶ୍ରୁତିରେ ରହି ଆସିଥିବା କିମ୍ବଦନ୍ତୀକୁ ସମାଜର ସମ୍ପ୍ରସାରିତ ପରିଧି ଅନୁସାରେ ବିଦ୍ୱାନ ମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ଢଙ୍ଗରେ ଉପସ୍ଥାପିତ କରା ଯାଇଥିବା ବେଳେ ଏହାର ଆରମ୍ଭ ପ୍ରାଚୀନ ଧବଳଗିରିର ଜନଜାତି ମାନଙ୍କ ଜୀବନ ସହ ରହିଥିବା ନୀଳମାଧବଙ୍କ ସମ୍ବନ୍ଧିତ କିମ୍ବଦନ୍ତୀ ମଧ୍ୟଦେଶୀୟ (ମାଳବ) ନୃପତିଙ୍କ ଦ୍ୱାରା ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ହୃତ୍‌ପିଣ୍ଡ ଉପାସନାକୁ ପ୍ରସ୍ତର ରୂପୀ ନାରାୟଣ-ଉପାସନାରେ ପରିବର୍ତ୍ତିତ କରି ଲୋକାର୍ପଣ କରିବା ଅଟେ।

ଈଶ୍ୱରଙ୍କ ସଗୁଣ ବିଗ୍ରହ ରୂପୀ ଅବତାର ଉପାସନା ନିର୍ଗୁଣ ବ୍ରହ୍ମଙ୍କୁ ହୃଦୟଙ୍ଗମ କରିବା ପ୍ରାରମ୍ଭିକ ପ୍ରକ୍ରିୟାର ଏକ ଅଂଶ ଅଟେ। ଅବତାରବାଦ ବିଶ୍ୱାସ ପ୍ରକ୍ରିୟାରେ ମୈତ୍ରାୟଣୀ ଉପନିଷଦରେ ଋଗବେଦକାଳୀନ ଦେବକୀପୁତ୍ର ବାସୁଦେବ କୃଷ୍ଣ ଓ ନରସିଂହ ରୂପ ଧାରିତ ହିରଣ୍ୟକଶିପୁକୁଙ୍କୁ ବଦ୍ଧ କରିଥିବା ଋଷି ବାମଦେବଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ଉପାସନା କରାଯିବା ଆରମ୍ଭ ହୋଇଥିଲା। ଈଶ୍ୱରଙ୍କ ଲୀଳା ସ୍ୱରୂପ ଋଗବେଦକାଳୀନ ବଳରାମ ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ ଏବଂ ତା'ର ୮୦୦୦ ବର୍ଷ ଉପରାନ୍ତ ମହାଭାରତ କାଳୀନ ବସୁଦେବ ଓ ରୋହିଣୀଙ୍କ ଗର୍ଭରୁ ଜାତ ବଳରାମ ବସୁଦେବ ତଥା ଦେବକୀଙ୍କ ଗର୍ଭରୁ ଜାତ ଶ୍ରୀକୃଷ୍ଣଙ୍କ ବୈମାତୃକ ଭ୍ରାତା ଥିଲେ। ବେଦର ସଙ୍କଳନ ୧୫୦୦୦ ରୁ ୧୩୦୦୦ ବର୍ଷ ମଧ୍ୟରେ ହୋଇଥିବା ଦାବୀ କରୁଥିବା The Chronology of India ର ଲେଖକ ବେଦବୀର ଆର୍ଯ୍ୟ ମତ ଦିଅନ୍ତି, ମହାଭାରତ ଶ୍ରୀକୃଷ୍ଣ **(୩୨୨୩ - ୩୧୨୬ ଖ୍ରୀ.ପୂ)** ଙ୍କ ଅନେକ ପୂର୍ବରୁ ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କ **(ଆବିର୍ଭାବ - ଖ୍ରୀ.ପୂ ୧୧୧୫୩, ମେ ୨୫, ଶ୍ରାବଣ କୃଷ୍ଣାଷ୍ଟମୀ)** ଙ୍କ ଉପାସନା ଆରମ୍ଭ ହୋଇଥିଲା।

ଭାରତୀୟ ସଂସ୍କୃତି ପୃଷ୍ଠଭୂମିରେ ପୁରାଣ ମାନଙ୍କରେ ବର୍ଣ୍ଣିତ ସପ୍ତର୍ଷି ମଣ୍ଡଳରେ ସନାତନ ଧର୍ମର ଗୌରବ ବଢାଉଥିବା ଋଷି ଅତ୍ରି ଆର୍ଯ୍ୟାବର୍ତ୍ତର ପ୍ରଥମ ଋଷି ବ୍ରହ୍ମାଙ୍କ ଶିଷ୍ୟ ତଥା ପୁତ୍ର ସ୍ୱାୟଂଭୂବ ମନୁଙ୍କ ସମାସ୍କନ୍ଧ ଥିଲେ। ସୋମବଂଶୀଙ୍କ ଇତିହାସ ବ୍ରହ୍ମାଙ୍କ ଶିଷ୍ୟ ଋଷି ଅତ୍ରିଙ୍କ ଋଷି-ବଂଶଜ (ଋଷିଙ୍କ ଗୋତ୍ରରେ ଦୀକ୍ଷିତ ଶିଷ୍ୟ) ପରବର୍ତ୍ତୀ ସମୟର ଅତ୍ରି ଓ ଅନସୂୟାଙ୍କ ପୁତ୍ର ସୋମ ଙ୍କ ଠାରୁ କ୍ଷତ୍ରିୟ-ସୋମବଂଶ ଆରମ୍ଭ ହୋଇଥିଲା। ଋଗବେଦ ସମୟର ଦେବକୀପୁତ୍ର ବାସୁଦେବ କୃଷ୍ଣ ଯଦୁବଂଶୀ ଥିଲେ। ଯଦୁମାନେ ସୋମବଂଶୀ ଥିଲେ। ଶାରଳା ମହାଭାରତ ଅନୁଯାୟୀ ଅଗରୁ ବୃକ୍ଷରେ ପରିପୂର୍ଣ୍ଣ ଧବଳଗିରିରେ ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ହୃତପିଣ୍ଡର ଉପାସନା କରୁଥିବା ବନବାସୀ ମାନଙ୍କ ଉପାସନା ସ୍ଥଳରେ ନୀଳମାଧବଙ୍କ ବିଗ୍ରହ ପ୍ରତିଷ୍ଠା କରିଥିବା ରାଜା ଇନ୍ଦ୍ରଦ୍ୟୁମ୍ନ ସୋମବଂଶୀ ଥିଲେ। ପ୍ରାଚୀନ ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରୁ ସୋମବଂଶୀ ମାନେ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରଧାନ ସେବକ ରହି ଆସିଥିବା ସୂଚନା ମିଳେ। ଇନ୍ଦ୍ରଦ୍ୟୁମ୍ନଙ୍କ ନାମ ମହାଭାରତ ପୂର୍ବରୁ ସର୍ବ ପ୍ରଥମେ ଋଗ୍‌ବେଦ ସମୟରେ ଦେଖିବାକୁ ମିଳେ। ସେ ମୈତ୍ରିୟାଣୀ ଉପନିଷଦରେ ବର୍ଣ୍ଣିତ ହୋଇଛନ୍ତି।

କଳିଙ୍ଗରେ ପୁଲସ୍ତ୍ୟ ବଂଶୀ ରାକ୍ଷସ ବା ଅସୁର ବଂଶର ରାଜୁତି ଚାଲିଥିବା ସମୟରେ ମଧ୍ୟଦେଶର ଋଗବେଦ ସମୟର ଇକ୍ଷ୍ୟାକୁବଂଶୀ ମାନ୍ଧାତା ଯୌବନାଶ୍ୱଙ୍କ ମହୋଦଧୀ ନିକଟସ୍ଥ ମଧୁପୁରରେ ଲବଣାସୁର ସହ ଯୁଦ୍ଧରେ ପରାଜିତ ହୋଇ ଫେରି ଯାଇଥିଲେ। କାରଣ ଲବଣାସୁରଙ୍କ ପୂର୍ବଜ ମାନେ ମହାଦେବଙ୍କ ଠାରୁ

ଯୁଦ୍ଧବିଦ୍ୟାର ପ୍ରଶିକ୍ଷଣ ନେଇଥିଲେ। ତାଙ୍କ ନିକଟରେ ମହାଦେବଙ୍କ ପ୍ରଦତ୍ତ ତ୍ରିଶୂଳ ଚାଳନା ବିଦ୍ୟା ନିହିତ ଥିଲା। ମାନ୍ଧାତାଙ୍କ ଯୁଦ୍ଧ ଘଟଣା ପୌରାଣିକ ଉପାଖ୍ୟାନ ଅଟେ। ଋଗବେଦର ଗୋଟିଏ ସୁକ୍ତ (୧୦।୧୩୪) ଲେଖିଥିବା ଦେବକୀପୁତ୍ର କୃଷ୍ଣଙ୍କ ର ବୟସାଧିକ ସମସାମୟିକ ଜୈମିନୀୟ ଅଶ୍ୱମେଧ ଗ୍ରନ୍ଥର ରାଜା ମାନ୍ଧାତାଙ୍କୁ ଟୀକାକାର ସାୟାନ୍ନ ରାଜର୍ଷି ରୂପେ ଉଲ୍ଲେଖ କରିଛନ୍ତି। ପ୍ରାଗ୍‌ଜ୍ୟୋତିଷପୁରର ନାରକାସୁରଙ୍କୁ ବଦ୍ଧ କରି ଷୋହଳ ସହସ୍ର ନାରୀଙ୍କ ମୁକ୍ତି ପ୍ରଦାତା ଭାରତର ଉତ୍ତରପୂର୍ବ ମଥୁରାରୁ ଯାଇ ଦ୍ୱାରାବତୀ ନଗରରେ ରାଜଧାନୀ ସ୍ଥାପିତ କରିଥିବା ଦେବକୀପୁତ୍ର ବାସୁଦେବ କୃଷ୍ଣ ରାଜା ମାନ୍ଧାତାଙ୍କ ପରାଜୟ ସମ୍ବାଦ ଶୁଣି ଲବଣାସୁରକୁ ବଦ୍ଧ କରିବା ଉଦ୍ଦେଶ୍ୟରେ ମଧୁପୁରରେ



ପହଞ୍ଚି ତମାଳ ଲତା ଗହଳରେ ବିଶ୍ରାମ ନେବା ସମୟରେ ଧବଳଗିରିର ବ୍ୟାଧ ଜରା ଶବର ତାଙ୍କ ପଦଯୁଗଳକୁ ମୃଗକର୍ଣ୍ଣ ବୋଧରେ ବିଷ ଲେପିତ ଶର ନିକ୍ଷେପ କରିଥିଲେ ଯାହା ଫଳ ସ୍ୱରୂପ ତାଙ୍କ ଦେହାବସାନ ହୋଇଥିଲା। ଜଣେ ମହାପୁରୁଷ ତାଙ୍କ ବାଣରେ ନିହତ ହୋଇଥିବା ଜାଣିଲା ପରେ ଜରା ଶବର ତତ୍‌କ୍ଷଣାତ୍ ତାଙ୍କ ପାଖରେ ପହଞ୍ଚି ଥିଲେ। ଦେବକୀପୁତ୍ର ବାସୁଦେବ କୃଷ୍ଣ ତାଙ୍କ ଶେଷ ସମୟ ହୋଇ ଯାଇଛି ତଥା ଏହି ସମ୍ବାଦ ତାଙ୍କ ବନ୍ଧୁ ଫାଲଗୁନୀ ଅର୍ଜୁନଙ୍କୁ ଦେବାକୁ ଅନୁରୋଧ କରିଥିଲେ। ଅର୍ଜୁନଙ୍କ ସହାୟତାରେ ସେଠାରେ ତାଙ୍କ ଶରୀରକୁ ଚନ୍ଦନ ଓ ଅଗରୁ ବୃକ୍ଷର କାଠରେ ସେମାନେ ଦଗ୍ଧ କରିଥିଲେ। କିନ୍ତୁ କୃଷ୍ଣଙ୍କ ହୃତ୍‌ପିଣ୍ଡ ସମ୍ପୂର୍ଣ୍ଣ ରୂପେ ଭସ୍ମୀଭୂତ ହୋଇ ନ ଥିଲା। ସେହି ଅର୍ଦ୍ଧଦଗ୍ଧ ହୃତପିଣ୍ଡକୁ ନିରାଶ ପୂର୍ବକ ସମୁଦ୍ର ଗର୍ଭରେ ସମର୍ପଣ କରି ଅର୍ଜୁନ ହସ୍ତିନାପୁର ଓ ଜରା ଶବର ଧବଳଗିରି ଫେରି ଯାଇଥିଲେ। ଏହି ପ୍ରସଙ୍ଗର ଉଲ୍ଲେଖ ଶୁଦ୍ରମୁନି ସାରଳା ଦାସ ଙ୍କ ଓଡିଆ ମହାଭାରତ ୧୦୧। ୭୩ ପୃଷ୍ଠା, ମୂଷଳୀ ପର୍ବ ଓ ୧୭୩। ୧୮୬ ପୃଷ୍ଠା, ବନ ପର୍ବ ରେ ରହିଛି। ହସ୍ତିନାପୁର ର ଋଗବେଦ କାଳୀନ କୁରୁବଂଶୀ ଫାଲଗୁନ ଅର୍ଜୁନ, ଯାଦବବଂଶୀ ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କର ବନ୍ଧୁ ଥିଲେ। ଦୈବ ନିର୍ଦ୍ଦେଶରେ ଅର୍ଦ୍ଧଦଗ୍ଧ ହୃତପିଣ୍ଡଟି କିଛିଦିନ ପରେ କଠିନ ଆବରଣ ଆକୃତିକାରେ ଉପକୂଳକୁ ଫେରି ଆସିଥିଲା। ତାକୁ ଈଶ୍ୱରୀୟ ଅଭିଳାଷ ରୂପେ ଗ୍ରହଣ କରି ଜରା ଶବର ହୃତପିଣ୍ଡକୁ ଧବଳଗିରି ନେଇ ସେଠାରେ ଥିବା ଶାଳଗ୍ରାମ ପ୍ରସ୍ତର ଉପରେ ରଖି ତାର ଉପାସନା ଆରମ୍ଭ କରିଥିଲେ।

ସାରଳା ମହା ଭାରତ ଇନ୍ଦ୍ରଦ୍ୟୁମ୍ନ ମାଳବ (ମଧ୍ୟଦେଶ) ରାଜା ଗାଲ ମାଧବ ଓ ରାଣୀ ଗୁଣ୍ଡୁଚେରୀ ଙ୍କ ପୁତ୍ର ଓ ବିଦ୍ୟାପତି ବ୍ରାହ୍ମଣଙ୍କୁ ବସୁକର ଦ୍ୱିଜ ରୂପେ ଉପସ୍ଥାପନ

କରିଛନ୍ତି। ସେହି ବ୍ୟାଖ୍ୟାନରେ ରାଜା ଗାଲମାଧବଙ୍କ ପୁତ୍ର ଇନ୍ଦ୍ରଦ୍ୟୁମ୍ନଙ୍କୁ ଶ୍ରୀବିଷ୍ଣୁ ତାଙ୍କ ପ୍ରତିରୂପକୁ ଧବଳଗିରିରେ ଉପାସନା କରା ଯାଉଥିବା ବିଷୟ ସ୍ୱପ୍ନରେ ଦର୍ଶନ ଦେଇ କହିଲା ପରେ ଚତୁର୍ଦ୍ଦିଗକୁ ଚାରି ବ୍ରାହ୍ମଣ ପଠେଇ ତାଙ୍କ ପ୍ରତିମାଙ୍କୁ ଠାବ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବସୁକର ବ୍ରାହ୍ମଣ ତାଙ୍କର ସନ୍ଧାନ ଧବଳଗିରିରେ ପାଇ ସେହି ସମ୍ବାଦ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦେଇଥିଲେ। ଯାହା ପ୍ରତୀୟମାନ ହୁଏ, ଋଗବେଦର ଦଶମ ମଣ୍ଡଳ, ୬୫-୬୬ ସୁକ୍ତର ରଚୟିତା ବାସୁକ୍ର ବାସୁକର୍ଣ୍ଣୋ ସାରଳା ମହାଭାରତ (୮ମ ଶତାବ୍ଦୀ), ବନପର୍ବ ପୃ ୧୮୩, ୧୩୨ ଓ ୧୩୪ ପଦରେ ବର୍ଣ୍ଣିତ ବସୁକର ଦ୍ୱିଜ ଅଟନ୍ତି।

ଋଗବେଦ, ଦଶମ ମଣ୍ଡଳ, ୬୫-୬୬ ସୁକ୍ତର ରଚୟିତା ବସୁକ୍ର ବସୁବର୍ଣ୍ଣୋ (ଖ୍ରୀଷ୍ଟପୂର୍ବ ୧୧୦୦୦) ଓ ଶାରଳା ମହାଭାରତର ବସୁକର ଦ୍ୱିଜ ଏକ ଅଭିନ୍ନ ଥିବା ତାଙ୍କ ରଚିତ ଶ୍ଳୋକରୁ ପ୍ରତୀତ ହୁଏ। ସମୁଦ୍ରରେ ଅରୁଣ ସୂର୍ଯ୍ୟ, ବହି ଯାଉଥିବା  ସରସ୍ୱତୀ ନଦୀ ଓ ପରିବେଶ ବାସୁକ୍ର ଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମ୍ମୁଖରେ ସମୁଦ୍ରପତ୍ତନ ଠାରୁ ୭୫୦ ମିଟର ଉଚ୍ଚରେ ଶ୍ୱେତରଙ୍ଗରେ ଆଛାଦିତ ଉଚ୍ଚ ଶୃଙ୍ଗଗିରି; ବାମପାର୍ଶ୍ୱ ପୂର୍ବସମୁଦ୍ର ଦିଗବଳୟରୁ ଅୟର୍ମାଙ୍କ ଅରୁଣିମା ରଙ୍ଗଜନିତ ପବିତ୍ର ସ୍ୱର୍ଣରେ ପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ବାସୁକ୍ର ବାସୁକର୍ଣ୍ଣୋ ଙ୍କ ଓଷ୍ଠରୁ ପ୍ରଥମ ଶ୍ଳୋକ ସ୍ଫୁରିତ ହେଲା:

**ଅଗ୍ନିରିନ୍ଦ୍ରୋ ବରୁଣୋ ମିତ୍ରୋ ଅର୍ଯ୍ୟମା ବାୟୁଃ ପୂଷା ସରସ୍ୱତୀ ସଜୋଷସଃ।**
**ଆଦିତ୍ୟା ବିଷ୍ଣୁର୍ମରୁତଃ ସ୍ୱର୍ବୃହତ୍ସୋମ ରୁଦ୍ରୋ ଅଦିତିର୍ବ୍ରହ୍ମଣସ୍ପତିଃ। (ଋ ବେ ୧୦।୬୫।୧)**

ଅଗ୍ନି, ଇନ୍ଦ୍ର (ବିଦ୍ୟୁତ୍), ଜଳ, ଅନ୍ନ, ସୂର୍ଯ୍ୟ, ବାୟୁ, ପୂଷା (ପୋଷକତତ୍ତ୍ୱ), ସରସ୍ୱତୀ (ପ୍ରାଚୀନ, ପ୍ରାଚୀ?), ଦ୍ୱାଦଶ ଆଦିତ୍ୟ, ବିଷ୍ଣୁ, ମରୁତମାନେ, ଆଲୋକ-ଜ୍ୟୋତି, ମହାନ ଔଷଧି-ବୃକ୍ଷଗଣ ଙ୍କ ମଧ୍ୟରେ ବିଶ୍ୱ ପାଳନକର୍ତ୍ତା, ବ୍ରାହ୍ମଣ ଅଧିପତି ପରଂବ୍ରହ୍ମ ବିଦ୍ୟମାନ ଅଛନ୍ତି।

**ପାବୀରବୀ ତନ୍ୟତୁରେକପାଦଜୋ ଦିବୋ ଧର୍ତ୍ତା ସିନ୍ଧୁରାପଃ ସମୁଦ୍ରିୟଃ।**
**ବିଶ୍ୱେ ଦେବାସଃ ଶୃଣ୍ୱନ୍ୟଚାଂସି ମେ ସରସ୍ୱତୀ ସହ ଧୀଭିଃ ପୁରନ୍ଧ୍ୟା।। (ଋ ବେ ୧୦।୬୫।୧୩)**

ପବିତ୍ର ବିଚାରସମ୍ପର୍ଣ୍ଣ ବଜ୍ରାୟୁଧେ ହେ ବିଜୁଳିକନ୍ୟା ଷଠୀବୁଦ୍ଧି (**ପ୍ରସୂତୀଦେବୀ) ସରସ୍ୱତୀ**! ଅଜନ୍ମା-ଅଚଳ-ଅଜ-ଏକପାଦ, ବିସ୍ତୀର୍ଣ୍ଣ ଆକାଶ ବହନକାରୀ ସିନ୍ଧୁ ଏବଂ ସମୁଦ୍ରର ଜଳ ସହିତ ସମସ୍ତ ଦେବ! ମୋର ଶବ୍ଦସମୂହ କୁ ଏକତ୍ର କର୍ଣ୍ଣପାତ କର।

ବସୁକର ବ୍ରାହ୍ମଣଙ୍କୁ ଋଗବେଦୀୟ ବସୁକ୍ର ବସୁବର୍ଣ୍ଣୋ ରୂପେ ଚିହ୍ନଟ କରିବାର ତର୍କ ଏହା ଦିଆ ଯାଇପାରେ ଯେ ତାଙ୍କର ସୁକ୍ତ (ଋ ବେ ୧୦।୬୫।୧, ୧୩) ରଚନାର ସମୟ ସକାଳ ଥିଲା ତଥା ସେତେବେଳେ ସେ ସମୁଦ୍ର କୁ ଦେଖୁଥିଲେ। ସରସ୍ୱତୀ ନଦୀ ସହ ଅଜ ଏକପାଦ ଙ୍କୁ ବର୍ଣ୍ଣନା କରୁଚନ୍ତି। ସକାଳେ ଉଦିତ ସୂର୍ଯ୍ୟଙ୍କୁ ସମୁଦ୍ର ଦିଗବଳୟ ରେ ଜଣେ କେବଳ ପୂର୍ବତଟରେ ଦେଖି ପାରିବେ। ଦ୍ୱିତୀୟରେ ସେ ଚିହ୍ନିତ ଇନ୍ଦ୍ରଦ୍ୟୁମ୍ନ ଙ୍କ ସମସାମୟିକ ଥିଲେ। ଉପରୋକ୍ତ ଶ୍ଳୋକରେ ବ୍ୟବହୃତ ଶବ୍ଦ ସଂଯୋଜନା କେବଳ ପୂର୍ବ ତଟରେ ହିଁ ସମ୍ଭବ। ପ୍ରାକ୍‌ବୈଦିକ ନଦୀ ସରସ୍ୱତୀ ପୂର୍ବର ସାଗରରେ ପଡିବା କଳ୍ପନା ଉର୍ଦ୍ଧ୍ୱ ବିଷୟ ବୋଧ ହୋଇପାରେ। ଓଡିଶାର ପ୍ରାଚୀ ସରସ୍ୱତୀ, ପ୍ରତିଚୀ, ଚିତ୍ରୋପ୍ତଳା, ଚନ୍ଦ୍ରଭାଗାର ସତ୍ୟତା ମଧ୍ୟରେ ପ୍ରାକ ବୈଦିକି ସରସ୍ୱତୀ ଙ୍କ ଧାର ଭୂଗର୍ଭା ହୋଇ ରହିଛି। ଏହା ଋଗବେଦୀୟ ବସୁକ୍ର ଋଷିଙ୍କ ଶ୍ଳୋକରେ ନିହିତ ଆର୍ୟ୍ୟମା (ଅରୁଣ ସୂର୍ଯ୍ୟ), ସରସ୍ୱତୀ ଦୁଇଟି ଶବ୍ଦରେ ରହିଛି। ଯେହେତୁ ବେଦ ସରସ୍ୱତୀ ସାଗରରେ ପତିତ ହୋଇଛି ତଥା ଆଫଗାନିସ୍ଥାନରେ ସମୁଦ୍ର ନାହିଁ, ତେଣୁ ପ୍ରୋଫେସର ବି ବି ଲାଲ ଆଫଗାନିସ୍ଥାନର ହେଲମାଣ୍ଡ ନଦୀ ପ୍ରାଚୀନ ସରସ୍ୱତୀ ନଦୀ ନାହିଁ ବୋଲି ଯୁକ୍ତି ବାଢିଛନ୍ତି। କଳିଙ୍ଗ ରାଜ୍ୟର ପୂର୍ବ ପାଖେ ଥିବା ମହୋଦଧୀ ସଂଲଗ୍ନିତ ବ୍ରହ୍ମବନରେ ବ୍ରହ୍ମାଙ୍କ ସ୍ତ୍ରୀଙ୍କ ନାମାନୁସାରିତ ନଦୀ ସରସ୍ୱତୀ ପୂର୍ବ ସମୁଦ୍ର ଦିଗେ ଧାବିତ ହେଉଥିଲା। ପାର୍ଶ୍ୱରେ ଥିବା ଧବଳଗିରିରେ ମହାବେଦୀ ଅବସ୍ଥିତ ଥିଲା। ମହାବେଦୀ ବିଶ୍ୱର ବୃହତ୍ତମ ଶାଳଗ୍ରାମ ଶିଳା ଅଟନ୍ତି। ନୀଳଶୈଳ ର ପ୍ରାଚୀନ ନାମ ଥିଲା ଧବଳଗିରି। ନୀଳଶୈଳର ପ୍ରାଚୀନ ସ୍ୱରୂପ ଆଜି ଭଳି ନ ଥିଲା। ଅଗରୁ ବୃକ୍ଷର ଶ୍ୱେତରଙ୍ଗ ପୁଷ୍ପରେ ଆଛାଦିତ ହୋଇ

ଦୂରରୁ ତାହା ଧବଳଗିରି ରୂପେ ପ୍ରତୀତ ହେଉଥିଲା। ସୁଉଚ୍ଚ ହିମଶୃଙ୍ଗଙ୍କ ଗିରି ଗହ୍ୱରରୁ ବାହାରି ଧବଳଗିରି ସମ୍ମୁଖସ୍ଥ ୭୦୦ ମିଟର ତଳର ରତ୍ନଗର୍ଭା ମହୋଦଧୀ ଅଭିମୁଖୀ ପ୍ରାଚୀନ ସରସ୍ୱତୀ ଙ୍କ ଭୂଗର୍ଭେ ଅଦୃଶ୍ୟ ପୂର୍ବରୁ; ହିମଶୃଙ୍ଗଙ୍କ ପାଦଦେଶରେ ୧୪ ସହସ୍ର ବର୍ଷ ପୂର୍ବର ବିରାଟ ଭୂମିକମ୍ପ ତଥା ହିମସ୍ଖଳନରୁ ସୃଷ୍ଟି ସତୀସର ହ୍ରଦରୁ ଋଷି କଶ୍ୟପଙ୍କ ବଂଶଜଙ୍କ ଦ୍ୱାରା କାଶ୍ମୀରରେ ବସତି ଉପଯୋଗୀ ଜନଜୀବନ ନିମନ୍ତେ ବିତସ୍ତା-ଗତିପଥର ସୃଷ୍ଟି ପୂର୍ବରୁ; ରତ୍ନଗର୍ଭା ଠାରୁ ଅନେକ ଉଚ୍ଚରେ ଶ୍ରୀପୁରୁଷୋତ୍ତମଙ୍କ ପୂଜନସ୍ଥଳୀ ଧବଳଗିରିର ଶୃଙ୍ଗ ପ୍ରଦେଶ ମହାବେଦୀରେ ରହି ଆସିଛି। ଧବଳଗିରି ମହାଭାରତ ଉପରାନ୍ତ ନୀଳଗିରି, ନୀଳଶୈଳ ଅଟେ। ଧବଳଗିରିର ପରିପାର୍ଶ୍ୱ ଅଗରୁ-ବୃକ୍ଷ, ତୁଳସୀ, ଦୟଣା ଓ ସ୍ୱର୍ଣ୍ଣଦୂର୍ବ ଭଳି ଗୁଳ୍ମ-ଲତାରେ ପରିପୂର୍ଣ୍ଣ ଥିଲେ। ନିରନ୍ତର ବର୍ଷା, ହିମଶୃଙ୍ଗ ସ୍ଖଳନ ଫଳଜନିତ ସମୁଦ୍ର ଜଳସ୍ତରର ବୃଦ୍ଧି ଆର୍ଯ୍ୟବର୍ତ୍ତର ତିନିକୂଳରେ କେତେ ଯେ କୂଳ ଖାଇଛି, ତା ଗର୍ଭରେ ପ୍ରାଚୀ ସରସ୍ୱତୀ ନଦୀ ଭଳି କେତେ ଭୂମିଖଣ୍ଡର ଇତିହାସ ଯେ ଲୁଚି ଯାଇଛି, ତାର ଟିକିନିଖି ଖବର ମହାବେଦୀଙ୍କ ନିକଟରେ ରହିଛି।

ମହୋଦଧୀଙ୍କ ପୃଷ୍ଠଦେଶେ ଉଦିତ ଅଚଳ-ଏକପଦ ରୂପୀ ସୂର୍ଯ୍ୟ ଙ୍କ ନିମନ୍ତେ ଋଗବେଦୀୟ ଋଷି ବସୁକ୍ର ବସୁବର୍ଣ୍ଣୋ ପ୍ରାଚୀନ ସରସ୍ୱତୀ ନଦୀ ତଟରେ ଋଗବେଦର ୧୦.୬୬.୦୯ ସୁକ୍ତ ରଚନା କରିଥିଲେ। ନୀଳ ମାଧବଙ୍କ ସନ୍ଧାନରେ ପୂର୍ବ ତଟକୁ ଆସି ଧବଳଗିରିରେ ଜରା ଶବରଙ୍କ ବଂଶଜ ବାସୁଦେବ ଦେବକୀପୁତ୍ର କୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ହୃତପିଣ୍ଡର ଉପାସନା କରୁଥିବା ଦୃଶ୍ୟ ଦେଖି ସେ ମଧ୍ୟଦେଶର ଦକ୍ଷିଣାଞ୍ଚଳ ଭଦ୍ରା ନଦୀ କୂଳ ରାଜଧାନୀ ଭଦ୍ରାବତୀର ସୋମବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନ **(ଖ୍ରୀଷ୍ଟପୂର୍ବ ୧୧୦୦୦)** ଙ୍କୁ ଅବଗତ କରାଇ ଥିଲେ। ମଧୁପୁରରେ ରାଜା ମାନ୍ଧାତା ଲବଣାସୁର ସହ ଯୁଦ୍ଧରେ ପରାସ୍ତ ହୋଇଥିଲେ, ଋଷିଙ୍କ ଠାରୁ ମହାପ୍ରଭୁଙ୍କ ସନ୍ଧାନ ପାଇ ଭଦ୍ରାବତୀ ଠାରୁ ପୁରୁଷୋତ୍ତମ ଯିବା ରାସ୍ତାରେ ହୈହେୟବଂଶଙ୍କ ପତନ ପରେ ମାହଷ୍ମତୀରେ ଶାସନ କରୁଥିବା ନାଗବଂଶୀ ଯୋଦ୍ଧା ମାନଙ୍କ ସହ ମଧୁପୁର **(ପୁରୁଷୋତ୍ତମ ପୁରୀ)** ଠାରେ ଆସି ପହଞ୍ଚି ଥିଲେ। କିମ୍ବଦନ୍ତୀର ଇନ୍ଦ୍ରଦ୍ୟୁମ୍ନ ଖ୍ରୀଷ୍ଟପୂର୍ବ ୧୦୯୭୦ ମସିହାର ମଧ୍ୟଦେଶୀୟ ସୋମବଂଶୀ ନୃପତି ଥିଲେ। ତତ୍କାଳ ସମୟରେ ସୋମବଂଶୀ ମାନେ ମଧ୍ୟଦେଶ ଶାସନ କରୁଥିଲେ। ବସୁକର ଦ୍ୱିଜ ବିଦ୍ୟାପତି ଥିଲେ। ଶ୍ରୀ ବେଦବୀର ଆର୍ଯ୍ୟଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରାଚୀନ ଭାରତୀୟ ସମୟ ରେଖା ଅନୁସାରେ ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମସାମୟିକ ଥିଲେ।

ଗଜ ସଦୃଶ ଅଶ୍ୱରେ ସୁଦୀପ୍ତ ଶରୀରଧାରୀ ମଧ୍ୟଦେଶୀୟ ସୋମବଂଶୀୟ ଇନ୍ଦ୍ରଦ୍ୟୁମ୍ନ ଋଗବେଦୀ ଋଷି ବସୁକ୍ର ବସୁବର୍ଣ୍ଣୋ ଓ ବିଶାଳ ନାଗ ଯୋଦ୍ଧାବାହିନୀ ସହ ଧବଳଗିରି ଠାରେ ପ୍ରକାଣ୍ଡକାୟ ଅଗରୁ ବୃକ୍ଷ କୋଟରରେ ଜରାଶବରଙ୍କ ପରିବାର ନୀଳମାଧବ-ମୂର୍ତ୍ତି ଙ୍କ ଉପାସନା କରୁଥିବା ଦର୍ଶନ କରିଥିଲେ। ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ହୃତପିଣ୍ଡ ଘନ କୃଷ୍ଣକାୟ ରଙ୍ଗ ମାଧବ ପ୍ରସ୍ତର ମୂର୍ତ୍ତିରେ ପରିବର୍ତ୍ତିତ ହୋଇ ସାରିଥିଲା। ସରଳ-ଚିତ୍ତ-ସମ୍ପନ୍ନ ବନବାସୀମାନେ ସେମାନଙ୍କ ଅଜ୍ଞାତସାରରେ ନୀଳମାଧବଙ୍କ ପ୍ରତିମାଙ୍କ ଉପାସନା ପଦ୍ଧତି ଆରମ୍ଭ କରି ସାରିଥିଲେ। ମାଧବଙ୍କୁ ଐତିହାସିକ ମାନେ 'ମା' ଙ୍କ ସ୍ୱାମୀ ରୂପେ ବ୍ୟାଖ୍ୟା କରିଥାନ୍ତି। ମା= ଶ୍ରୀ, ଲକ୍ଷ୍ମୀ ଓ ଧବ=ସ୍ୱାମୀ। ବାସୁକ୍ର ପୂର୍ବରୁ ମାଧବଙ୍କ ଦର୍ଶନ ଉଦ୍ଦେଶ୍ୟରେ ଆସି ମହାବେଦୀ ସଦୃଶ୍ୟ ଶାଳଗ୍ରାମଙ୍କ ଚିହ୍ନଟ କରି ସାରିଥିଲେ। ପ୍ରାକ୍ ଅନ୍ତର୍ଦୃଷ୍ଟି ରେ ସେ ସୂର୍ଯ୍ୟରୂପୀ ପରମାତ୍ମାଙ୍କ ଅନ୍ୟ ରୂପ ଶାଳଗ୍ରାମଙ୍କ ଶିଳାସ୍ତରର ପ୍ରାଚୀନତା ବିଷୟ ଜାଣି ପାରିଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ କ୍ଳାନ୍ତି ମେଣ୍ଟାଇବା ନିମନ୍ତେ ସାଧାରଣ ପ୍ରସ୍ତର ବିଚାରି ତାଙ୍କ ଉପରେ ଉପବେଶନ ନିମନ୍ତେ ଉଦ୍ୟମ କରିବା ସମୟରେ ସେ ତତକ୍ଷଣାତ୍ ବାରଣ କରିଥିଲେ - ହେ ରାଜା! ଇଏ ଶାଳଗ୍ରାମ। ସାକ୍ଷାତ ନାରାୟଣ, ମାଧବ ପୁରୁଷୋତ୍ତମ ଅଟନ୍ତି।

ଆର୍ଯ୍ୟାବର୍ତ୍ତର ପୂର୍ବାଞ୍ଚଳ ଦେବପ୍ରସ୍ଥରେ ଅବସ୍ଥିତ ମହାବେଦୀ ରୂପୀ ଶାଳଗ୍ରାମ ଯେ ସନାତନ, ଶବରୀ ନାରାୟଣ, ତାର ଧାରଣା ଦେଇଥିଲେ ଋଷି ବସୁକ୍ର। ତା'ର ଉଲ୍ଲେଖ ସାରଳା ଦାସ ତାଙ୍କ ମହାଭାରତ, ମୂଷଳୀ ପର୍ବ, ପୃ – ୫୧, ୧୮-୧୯ ରେ କଲେ: **ଯେତେ ବୋଲି ଦେବ ତତକ୍ଷଣେ ହେଲେ ଅନ୍ତର୍ଧାୟୀ। ପାଷାଣ ରୂପ ଧଇଲେ ପ୍ରଭୁ ଦେବରାୟୀ। ଅଗ୍ର ବୃକ୍ଷ ଆବୋରି ରହିଲେ ଭଗବାନ। ଶବରୀ ନାରାୟଣ ରୂପେ ପୂଜା**

ଯେ ପାଇଣ।।

ବ୍ରହ୍ମଜ୍ଞାନୀ ଜଡ ଭରତଙ୍କ ବଂଶଜ ଗାଲମାଧବ ଙ୍କ ପୁତ୍ର ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କ ରକ୍ତରେ ସନାତନତ୍ୱର ସଂସ୍କାର କୁନ୍ଦି କୁନ୍ଦି ଭରି ରହିଥିଲା। ଜମ୍ବୁଦ୍ୱୀପର ପୂର୍ବଭାଗ ଦେବପ୍ରସ୍ଥରେ ପୁରୁଷୋତ୍ତମଙ୍କ ସନ୍ଧାନ ଇନ୍ଦ୍ରଦ୍ୟୁମ୍ନ ପାଇ ସାରିଥିଲେ। ସେଦିନ ଇନ୍ଦ୍ରଦ୍ୟୁମ୍ନ ବିଶ୍ୱର ସର୍ବଶ୍ରେଷ୍ଠ ଚିରଞ୍ଜିବୀଙ୍କ ଦର୍ଶନ କରିଥିଲେ। ସେଦିନ ଜ୍ୟେଷ୍ଠ ମାସର ପୂର୍ଣ୍ଣମୀ ତିଥିରେ ସମୟର ଅଶ୍ୱକୁ ପ୍ରତିହତ କରି ଅଜ-ଏକପାତ/ ଏକପାଦ ସମ ପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରସ୍ତର ପ୍ରତିମାର ସ୍ନାନୋତ୍ସବ ପାଳନ ଅବସରରେ ଆର୍ଯ୍ୟାବର୍ତ୍ତର ପୂର୍ବାଞ୍ଚଳ ଚଳଚଞ୍ଚଳ ଥିଲା। ସମ୍ପୂର୍ଣ୍ଣ ଆର୍ଯ୍ୟବର୍ତ୍ତରେ ବିଛାଡି ହୋଇ ପଡିଥିବା ଇକ୍ଷ୍ୱାକୁ ଓ ସୋମ ବଂଶୀୟ ରାଜା ମାନଙ୍କୁ ନିମନ୍ତ୍ରଣ କରା ଯାଇଥିଲା। ଅଶ୍ୱମେଧ ଯଜ୍ଞର ପୁରୋଧା ନର୍ମଦା ନଦୀ କୂଳର ମଧ୍ୟଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ସମସ୍ତ କାର୍ଯ୍ୟ ନିଜେ ତଦାରଖ କରୁ ଥିଲେ। ଋଷି ଅଗ୍ନିଙ୍କର ପୁତ୍ର କୁମାର ଆଗ୍ନେୟ (ଋ ବେ ୭ମ ମଣ୍ଡଳ ୧୦୧ ସୁକ୍ତର ରଚୟିତା) ଯଜ୍ଞର ପୁରୋହିତ ଥିଲେ। ସେ ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କ ସମସାମୟିକ ଥିଲେ। ସୂର୍ଯ୍ୟଙ୍କର ଦକ୍ଷିଣାୟନକୁ ମନେ ରଖିବା ପାଇଁ ଜ୍ୟେଷ୍ଠ ପୂର୍ଣ୍ଣ ଚନ୍ଦ୍ରୋଦୟ ତିଥିରେ ବ୍ରହ୍ମବନ ଧବଳଗିରି ରେ ନୀଳମାଧବ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ପାଳନ କରା ଯାଉଥିଲା। ବନବାସୀମାନଙ୍କ ଶଙ୍ଖନାଦ, ହୁଳହୁଳି ଓ ଜୟ ଜୟ ପରମାତ୍ମନ ର କୋଳାହଳରେ ସେଦିନ ପୁରୁଷୋତ୍ତମ ମୁଖରିତ ହୋଇ ଉଠିଥିଲା। ଧବଳଗିରି ଦୁଲୁକି ଉଠିଥିଲା। ଆଜିର ସମୟରେ ମଧ ନୀଳମାଧବ ରୂପୀ ଶ୍ରୀ ଜଗନ୍ନାଥଙ୍କ ଜନ୍ମ ତିଥି ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ ପୂର୍ଣ୍ଣିମା ରୂପେ ପାଳନ କରାଯାଉଛି। ବ୍ରହ୍ମାଣ୍ଡୀୟ ଭୁଗୋଳର ସଂରଚନା ରେ ଏହି ତିଥି କେବେ ଦିନେ ପୁରା ସଂସାର ପାଇଁ ଏକ ମହତ୍ୱପୂର୍ଣ୍ଣ ସନ୍ଧି ଥିଲା। ବର୍ଷା ଆଗମନ ଦ୍ୱାରା ବର୍ଷ ଆରମ୍ଭ ସୂଚନାର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ହୋମଯଜ୍ଞାଦି କର୍ମ ସହ ଚାଷବାସାଦି କର୍ମର ଆରମ୍ଭ ହୋଇଥାଏ। The Chronology of India ଅନୁସାରେ ବର୍ଷା ଶବ୍ଦରୁ ବର୍ଷ ଶବ୍ଦର ଉତ୍ପତ୍ତି ସେହି ସମୟରେ ହୋଇଥିଲା। ଜ୍ୟୋତିଷ୍କ ଶାସ୍ତ୍ରର ବିଦ୍ୱତାମାନେ କହନ୍ତି ବୈଦିକ ସମୟରେ ଯଦିଓ ମାଘ ଶୁକ୍ଳ ପ୍ରତିପଦା, ଧନିଷ୍ଠା ନକ୍ଷତ୍ର ରହଣୀ ସମୟରୁ ନୂତନ ବର୍ଷୋତ୍ସବର ଆରମ୍ଭ କରା ଯାଇଥିଲା, ବ୍ରହ୍ମାଙ୍କର ବ୍ରହ୍ମାବର୍ତ୍ତରେ ପୈତାମହ ସିଦ୍ଧାନ୍ତ (୨୮ ନକ୍ଷତ୍ର ଏବଂ ୭ ରାଶି) ର ଚଳଣି ପୂର୍ବରୁ ନୂତନ ବର୍ଷର ଶୁଭାରମ୍ଭ ଜ୍ୟେଷ୍ଠ ପୂର୍ଣ୍ଣିମାନ୍ତେ ବର୍ଷାର ଆଗମନ ସମୟରେ ହେଉଥିଲା। ସେଥିପାଇଁ ସେହି ଦିନ ଯଜ୍ଞାଦି କର୍ମ ଦ୍ୱାରା ସମାଜରେ ଉତ୍ସବ ପାଳନ କରା ଯାଉଥିଲା। ଋଗବେଦ ୭ମ ମଣ୍ଡଳ ୧୦୩ ସୁକ୍ତ ବର୍ଷା ସମୟର ବର୍ଣ୍ଣନା, ଋଷି, ବ୍ରାହ୍ମଣ (ବ୍ରହ୍ମାଙ୍କର ଶିଷ୍ୟ, ପୁତ୍ରାଦି) ମାନଙ୍କୁ ଦିଆ ଯାଇଥିବା ଦିଗଦର୍ଶନ ଆଦି ଏହି ସମୟକୁ ସୂଚାଇ ଥାଏ।

ଲବଣାସୁର ସହିତ ହୋଇଥିବା ତତ୍କାଳୀନ ଯୁଦ୍ଧରେ ତାଙ୍କୁ ସାହାଯ୍ୟ କରିଥିବା ଭଗବାନ ପର୍ଶୁରାମଙ୍କ ଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା ଲାଭ କରି କ୍ଷତ୍ରିୟ ଜାତିରେ ପରିବର୍ତ୍ତିତ ହୋଇଥିବା ଋଷି କଶ୍ୟପଙ୍କ ଜ୍ୟେଷ୍ଠ ପୁତ୍ର ନାଗଙ୍କ ବଂଶଜଙ୍କ ଯୁଦ୍ଧ କୌଶଳ ଜନିତ ଜ୍ଞାନର ସହାୟତାରେ ରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧୀ ତଟରେ ଅସୁର ବଂଶ ସମୂଳେ ନାଶ କରି ଦେବକୀପୁତ୍ର ବାସୁଦେବ କୃଷ୍ଣଙ୍କ ଦେହାବସାନର ୧୦୦ ବର୍ଷ ପରେ ଖ୍ରୀ.ପୂ ୧୦୯୭୦, ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥି **(ବ୍ରହ୍ମାଣ୍ଡ ପୁରାଣ ରେ ଶ୍ରୀବିଷ୍ଣୁଙ୍କ ଜନ୍ମତିଥି ରୂପେ ବର୍ଣ୍ଣିତ)** ରେ ତାଙ୍କର ପ୍ରତିରୂପ ଦେବକୀପୁତ୍ର ବାସୁଦେବ କୃଷ୍ଣ ଙ୍କ ଅର୍ଦ୍ଧଦଗ୍ଧ ହୃତପିଣ୍ଡ ପ୍ରସ୍ତର ନୀଳମାଧବଙ୍କ ରୂପେ ଧବଳଗିରିରେ ପ୍ରତିଷ୍ଠିତ କରା ଯାଇଥିଲା। ଯୁଦ୍ଧରେ ତାଙ୍କୁ ସାହାଯ୍ୟ କରିଥିବା ନାଗବଂଶୀମାନେ ମଧୁପୁର **(ପୁରୁଷୋତ୍ତମ ପୁରୀ)** ଠାରେ ନୀଳମାଧବଙ୍କୁ ପ୍ରତିଷ୍ଠା କରି ସେଠାକାର ବନବାସୀ ମାନଙ୍କ ସହ ବସତି ସ୍ଥାପନ ଆରମ୍ଭ କରିଥିଲେ। ସେମାନେ ମହୋଦଧୀ ତଟର ସଂରକ୍ଷକ ଥିଲେ।

**ଏହା ପ୍ରଚଳିତ କିମ୍ବଦନ୍ତୀର ପ୍ରଥମ ଅଂଶ ନୀଳମାଧବ ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମଧ୍ୟରେ ଥିବା ଐତିହାସିକ ଅସଂଯୋଗିତ ତତ୍ତ୍ୱର ବ୍ୟାଖ୍ୟାନ ଅଟେ।**

**ପ୍ଲଟ ନଂ ୧୦୦୦, ୨ୟ ତୋଟା ସାହି**
**ବ୍ରହ୍ମପୁର - ୭୬୦୦୦୫**

# 'ଅଗ୍ନିପଥ' ରାସ୍ତାରେ କଣ୍ଟା କିଏ ?



ନିଗମ ବେହେରା

କେନ୍ଦ୍ର ସରକାର ମଙ୍ଗଳବାର ଦିନ ଭାରତୀୟ ସେନାରେ ଭର୍ତ୍ତି ପାଇଁ 'ଅଗ୍ନିପଥ' ଯୋଜନା ଘୋଷଣା କରିଛନ୍ତି । ଅଗ୍ନିପଥ ଯୋଜନା ସମ୍ପର୍କରେ ଘୋଷଣା ସମୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ତିନି ସେନାର ପ୍ରମୁଖମାନେ ଉପସ୍ଥିତ ଥିଲେ । ଏହି ଯୋଜନାର ମୂଳ ଲକ୍ଷ୍ୟ ଭାରତୀୟ ଯୁବକଙ୍କ ମନରେ ଦେଶପ୍ରେମର ବହ୍ନି ଜାଳିବା କିନ୍ତୁ ଦେଶପ୍ରେମର ବହ୍ନି ଜଳିବା ବଦଳରେ ଦେଶର ବିଭିନ୍ନ କୋଣ-ଅନୁକୋଣରେ ଏହି ଯୋଜନା ବିରୋଧୀ ବହ୍ନି ଦେଖିବାକୁ ମିଳୁଛି । ହିଂସା ୧୦ରୁ ଅଧିକ ରାଜ୍ୟକୁ ବ୍ୟାପିଥିବା ବେଳେ ଆମ ରାଜ୍ୟ ଓଡ଼ିଶା ମଧ ଏଥିରୁ ବାଦ ପଡ଼ିନାହିଁ । ଏଯାବତ ବିରୋଧ ପ୍ରଦର୍ଶନକାରୀମାନେ ୧୨ ଟି ଟ୍ରେନ ଜାଳିଦେଇଥିବା ବେଳେ ଆନ୍ଦୋଳନ ଯୋଗୁଁ ୨୦୦ ରୁ ଅଧିକ ଟ୍ରେନ ବାତିଲ ହୋଇଛି । ତେଲେଙ୍ଗାନାରେ ଗୁଳିମାଡ଼ ଯୋଗୁଁ ଜଣେ ମୃତ ହୋଇଥିବା ବେଳେ ୧୩ ଆହାତ ହୋଇଛନ୍ତି । ସେହିପରି ଉତ୍ତ୍ୟକ୍ତ ଯୁବକମାନେ ବିହାର ଉପ-ମୁଖ୍ୟମନ୍ତ୍ରୀ ସମେତ ବିଜେପି ସାଂସଦଙ୍କ ଘର ଉପରେ ଆକ୍ରମଣ କରିଛନ୍ତି । କଟକରେ ମଧ ଅଗ୍ନିପଥ ବିରୋଧରେ ବିକ୍ଷୋଭ ଦେଖିବାକୁ ମିଳିଛି । ଯୁବକଙ୍କ ଆକ୍ରୋଶର କାରଣ ଜାଣିବା ପୂର୍ବରୁ ପ୍ରଥମେ ଆମକୁ ଏହି ଯୋଜନାରେ ସମ୍ପର୍କରେ ଜାଣିବାକୁ ହେବ ।

ଅଗ୍ନିପଥ ଯୋଜନାରେ ୪ ବର୍ଷର ସ୍ୱଳ୍ପ ଅବଧି ପାଇଁ ଯୁବକମାନେ ସେନାରେ ନିଯୁକ୍ତି ପାଇବେ । ଏହି ଯୋଜନାରେ ୧୭ ବର୍ଷରୁ ୨୧ ବର୍ଷର ଯୁବକଙ୍କୁ ସେନାରେ ଭର୍ତ୍ତି ପାଇଁ ସୁଯୋଗ ମିଳିବ । ଏହି ଯୋଜନାରେ ନିଯୁକ୍ତି ପାଇଥିବା ସୈନିକଙ୍କୁ 'ଅଗ୍ନିବୀର' କୁହାଯିବ ଏବଂ ଯୋଗ୍ୟ ସୈନିକମାନେ ତିନୋଟି ସେନାରେ ସାମିଲ୍ ହେବେ । ଯୁବକମାନେ ଅଣ-ଅଧିକାରୀସ୍ତରୀୟ ପାହ୍ୟାରେ ନିଯୁକ୍ତ ହେବେ । ନିଯୁକ୍ତିର ପ୍ରଥମ ୬ ମାସ ଅଗ୍ନିବୀରଙ୍କ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ୪ ବର୍ଷ ପରେ ୨୫ ପ୍ରତିଶତ ଉତ୍ତମ ସୈନ୍ୟ ହିଁ ସେନାରେ କାର୍ଯ୍ୟ ଜାରିରଖିବେ । ଅବଶିଷ୍ଟ ୭୫ ପ୍ରତିଶତ ସୈନିକଙ୍କୁ କାର୍ଯ୍ୟରୁ ନିବୃତ୍ତ କରାଯିବ । ଅବସରପ୍ରାପ୍ତ ସୈନକମାନଙ୍କୁ ରାଜ୍ୟ ପୋଲିସରେ ନିଯୁକ୍ତି ପାଇଁ ଅଗ୍ରାଧିକାର ମିଳିବ । ସେମାନଙ୍କୁ ସ୍ୱତନ୍ତ୍ର ପ୍ରମାଣପତ୍ର ଦିଆଯିବ, ତାହା ମାଧମରେ ବ୍ୟବସାୟ ପାଇଁ ଇଚ୍ଛୁକ ସୈନିକ ବ୍ୟାଙ୍କରୁ ଋଣ ପାଇପାରିବେ । ସେମାନେ ଚାହିଁଲେ ବେସରକାରୀ ସଂସ୍ଥାଗୁଡ଼ିକରେ ମଧ ନିଯୁକ୍ତି ପାଇପାରିବେ । ଅଗ୍ନିବୀରମାନେ ୪ ବର୍ଷରେ ୧୧,୭୧,୨୦୦ ଟଙ୍କା ଦରମା ପାଇବେ ଏବଂ ଅବସର ସମୟରେ ୧୧.୭୧ ଲକ୍ଷ ଟଙ୍କା ପାଇବେ । ଅଗ୍ନିବୀରଙ୍କ ଅବସରକାଳୀନ ପ୍ୟାକେଜକୁ 'ସେବାନିଧି ପ୍ୟାକେଜ' କୁହାଯିବ । ପ୍ୟାକେଜର ଅଧା ଟଙ୍କା ଅଗ୍ନିବୀରଙ୍କ ଦରମାରୁ ଦିଆଯିବ ଓ ଅବଶିଷ୍ଟ ଅର୍ଥରାଶି କେନ୍ଦ୍ର ସରକାର ବହନ କରିବେ । କିନ୍ତୁ ଅଗ୍ନିପଥ ଯୋଜନାରେ ଅଗ୍ନିବୀରଙ୍କ ଅବସର ସମୟରେ କୌଣସି ପ୍ରକାରର ଭତ୍ତାର ପ୍ରାବଧାନ ନାହିଁ । ଦଶମ ପାସ କରିଥିବା ଅଗ୍ନିବୀରଙ୍କୁ ମିଳିବ ଦ୍ୱାଦଶ ଶ୍ରେଣୀର ପ୍ରମାଣପତ୍ର ଏବଂ ଇନ୍ଦିରା ଗାନ୍ଧୀ ନ୍ୟାସନାଲ୍ ଓପନ ୟୁନିଭର୍ସିଟି (ଆଇଜିଏନ୍ଓୟୁ) ଦ୍ୱାରା ପ୍ରସ୍ତୁତ ୩ ବର୍ଷିଆ ଡ଼ିଗ୍ରୀ କୋର୍ସ ମଧ ଅଗ୍ନିବୀରମାନେ ଚାହିଁଲେ କରିପାରିବେ । କାର୍ଯ୍ୟରତ ଅଗ୍ନିବୀରଙ୍କ ଦେହାନ୍ତ ହେଲେ ଅଗ୍ନିବୀରଙ୍କ ପରିବାରକୁ ୪୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ

କରାଯିବ । ଅଗ୍ନିପଥ ଯୋଜନାରେ ପ୍ରତି ବର୍ଷ ୨ ଥର ନିଯୁକ୍ତି ସୁଯୋଗ ମିଳିବାକୁ ମିଳିବ । ଚଳିତ ବର୍ଷ ୪୬ ହଜାର ଏବଂ ଆସନ୍ତା ବର୍ଷଗୁଡିକରେ ୫୦ ହଜାର ଅଗ୍ନିବୀରଙ୍କ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖିଛି ଭାରତୀୟ ସେନା । ଏହି ନିଯୁକ୍ତି ପ୍ରକ୍ରିୟା ସର୍ବଭାରତୀୟ ସ୍ତରରେ ଉତ୍କର୍ଷତା ଆଧାରରେ ହେବ । ଆସନ୍ତା ୧୦ ବର୍ଷ ମଧ୍ୟରେ ବ୍ରିଟିଶ ଅମଳରୁ କାର୍ଯ୍ୟକାରୀ ରେଜିମେଣ୍ଟ ବ୍ୟବସ୍ଥାର ବିଲୋପ ହେବ । ସେହିପରି ସିଏପିଏଫ୍ ଓ ଆସାମ ରାଇଫଲ୍ସ ନିଯୁକ୍ତିରେ ମିଳିବ ୧୦% ସଂରକ୍ଷଣ । ଉପରୋକ୍ତ ୨ଟି ବାହିନୀ ପାଇଁ ଅଗ୍ନିବୀରଙ୍କୁ ୩ ବର୍ଷର ଆୟୁ ଶିଥଳୀକରଣ ଦିଆଯିବ । ଚଳିତବର୍ଷ ପ୍ରଥମ ଦଳ ପାଇଁ ଆୟୁ ଶିଥଳୀକରଣ ୫ ବର୍ଷ ରହିବ । ସିଏପିଏଫରେ ବିଏସ୍ଏଫ୍, ସିଆରପିଏଫ୍, ସିଆଇଏସ୍ଏଫ୍, ଆଇଟିବିପି, ଏସ୍ଏସବି, ଏନ୍ଏସଜି ଓ ଏସପିଜି ଆଦି ବାହିନୀ ଅନ୍ତର୍ଭୁକ୍ତ ।

ଏହି ଯୋଜନାରେ ଯୁବପୀଢ଼ି ଦେଶସେବାରେ ନିଜକୁ ବ୍ରତି କରିବା ସହ ଏକ ଶକ୍ତିଶାଳୀ ରାଷ୍ଟ୍ର ନିର୍ମାଣରେ ସହଭାଗୀ ହେବେ । ଏହି ଯୋଜନା ଯୋଗୁଁ ବର୍ତ୍ତମାନ ସେନାର ହାରାହାରି ବୟସ ୩୨ ବର୍ଷରୁ ହ୍ରାସ ପାଇ ୨୬ ବର୍ଷ ହେବ । ଫଳସ୍ୱରୂପ ଭାରତୀୟ ସେନା ସର୍ବଦା ତରୁଣ, ସୁସ୍ଥ ଓ ସବଳ ରହିବ । ଯାହା ପ୍ରତ୍ୟେକ ଦେଶର ସେନା ଓ ଦେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୦୧୩ ମସିହାର ଏକ ରିପୋର୍ଟ ଅନୁଯାୟୀ ଭାରତରେ ମାତ୍ର ୨ ପ୍ରତିଶତ ଯୁବକ ହିଁ ୨୫ ବର୍ଷ ବୟସ ବେଳକୁ ୧୨ ଲକ୍ଷ ଅର୍ଥରାଶି ଏକତ୍ରିତ କରିବାକୁ ସକ୍ଷମ ହେଉଛନ୍ତି । କିନ୍ତୁ ଅଗ୍ନିପଥ ଯୋଜନା ଅଗ୍ନିବୀରଙ୍କୁ ୨୫ ବର୍ଷ ଆୟୁରେ ପ୍ରଗାଢ଼ ଆତ୍ମବିଶ୍ୱାସ ସହ ସୁନ୍ଦର ଭବିଷ୍ୟତ ପାଇଁ ଅର୍ଥ ଯୋଗାଇବ । ୧୭ ବର୍ଷ ବୟସରେ ଅନେକ ଯୁବକ ଆର୍ଥିକ ଦୂରାବସ୍ଥା ଯୋଗୁଁ ପଥଭ୍ରଷ୍ଟ ହୋଇଥାନ୍ତି କିନ୍ତୁ ଅଗ୍ନିପଥ ଯୋଜନା ସେମାନଙ୍କ ପାଇଁ ଆଶୀର୍ବାଦରେ ପରିଣତ ହେବ । ସବୁଠୁ ବଡ଼କଥା ହେଉଛି ଏହା ଦେଶରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେରୋଜଗାର ହ୍ରାସ ପାଇବାରେ ସହାୟକ ହେବ । କଥାରେ ଅଛି 'Once a soldier, always a soldier'; ଭବିଷ୍ୟତରେ ଚୀନ, ପାକିସ୍ତାନ ଭଳି ବିଦେଶୀ ଶକ୍ତିର ମୁକାବିଲା କରିବା ପାଇଁ ଯୁଦ୍ଧ ତାଲିମପ୍ରାପ୍ତ ବଳିଷ୍ଠ ଜନସମ୍ବଳ ଆମ ପାଇଁ ଏକ ଲାଭଦାୟକ ପରିସ୍ଥିତି ସୃଷ୍ଟି କରିବ । ଅଗ୍ନିବୀରଙ୍କ ପାଇଁ କୌଣସି ଭତ୍ତାର ପ୍ରାବଧାନ ନାହିଁ, ଏଣୁ ଭତ୍ତା ପାଇଁ ଖର୍ଚ୍ଚ ହେଉଥିବା ରାଶି ଆଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ବିନିଯୋଗ ହୋଇପାଇବ । ଉଭୟ ସରକାର ଓ ସେନାର ନଜରରେ ଏହି ଯୋଜନା ଏକ ପରିପୂର୍ଣ୍ଣ ଯୋଜନା ଅଟେ ।

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଭାରତର



ପ୍ରତିରକ୍ଷା ବଜେଟ ୫.୨୫ ଲକ୍ଷ କୋଟି ହୋଇଥିବା ବେଳେ ଏହାର ସିଂହଭାଗ ୧.୨ ଲକ୍ଷ କୋଟି କେବଳ ଅବସରପ୍ରାପ୍ତ ସୈନ୍ୟଙ୍କ ଭତ୍ତା ପାଇଁ ଖର୍ଚ୍ଚ ହେଉଛି । ସୈନ୍ୟବାହିନୀର ଦରମା ଓ ଭତ୍ତା ଖର୍ଚ୍ଚ ସମୁଦାୟ ପ୍ରତିରକ୍ଷା ବଜେଟର ୫୫.୩ ପ୍ରତିଶତ । ଭତ୍ତା ସମସ୍ୟା କେବଳ ଭାରତ ପାଇଁ ନୁହେଁ ବରଂ ଅନ୍ୟ ଦେଶଗୁଡ଼ିକ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ସାଜିଛି । ୨୦୦୩ ମସିହାରେ ଆମ ପଡ଼ୋଶୀ ରାଷ୍ଟ୍ର ଚୀନ ନିଜ ସୈନ୍ୟ ସଂଖ୍ୟା ହ୍ରାସ କରି ୨.୫ ମିଲିୟନକୁ ହ୍ରାସ କରିଥିଲା । ବର୍ତ୍ତମାନ ଚୀନର ସୈନ୍ୟ କ୍ଷମତା ପୁନଶ୍ଚ ହ୍ରାସ ପାଇ ୨.୩ ମିଲିୟନରେ ପହଞ୍ଚିଛି । ସେହିପରି ଯୁକ୍ତରାଷ୍ଟ୍ର ଆମେରିକା ନିଜ ସେନାର ୪୦ ହଜାର ସୈନ୍ୟଙ୍କୁ ଚାକିରୀରୁ ଅବ୍ୟାହତି ଦେବା ପାଇଁ ଯୋଜନା କରୁଛି । ଫଳସ୍ୱରୂପ ଆମେରିକା ସେନାରେ କ୍ରିୟାଶୀଳ ସୈନ୍ୟଙ୍କ ସଂଖ୍ୟା ୪୯୦,୦୦୦ ରୁ ୪୫୦,୦୦୦ କୁ ହ୍ରାସ ପାଇବ । ୨୦୧୨ ମସିହାରେ ଗ୍ରେଟ ବ୍ରିଟେନ ନିଜ ସେନାବାହିନୀକୁ ୨୦ ପ୍ରତିଶତ ହ୍ରାସ କରି ଏହାର ସଂଖ୍ୟା ୮୨ ହଜାରକୁ ହ୍ରାସ କରିବା ପାଇଁ ଘୋଷଣା କରିଥିଲା । ଏହା ଦର୍ଶାଉଛି ପ୍ରତ୍ୟେକ ଦେଶ ନିଜ ସୈନ୍ୟ ସଂଖ୍ୟା ହ୍ରାସ କରି ସୈନ୍ୟଙ୍କ ଦରମା ଓ ଭତ୍ତା ବାବଦକୁ ଦେଶର ବଜେଟ ଉପରେ ପଡୁଥିବା ଅତ୍ୟଧିକ ଖର୍ଚ୍ଚଭାରକୁ ହ୍ରାସ କରିବା ପାଇଁ ଚେଷ୍ଟା କରୁଛନ୍ତି । ଚୀନ ପରେ ଭାରତୀୟ ସେନା ବିଶ୍ୱର ଦ୍ୱିତୀୟ ବୃହତ ସେନା । ବର୍ତ୍ତମାନ ଚୀନ ନିକଟରେ ୨୦ ଲକ୍ଷ, ଭାରତ ନିକଟରେ ୧୪.୫୦ ଲକ୍ଷ, ଯୁକ୍ତରାଷ୍ଟ୍ର ଆମେରିକା ନିକଟରେ ୧୩.୯୦ ଲକ୍ଷ, ଋଷ ନିକଟରେ ୮.୫୦ ଲକ୍ଷ ସଶସ୍ତ୍ର ସୈନ୍ୟବଳ ଉପଲବ୍ଧ ।

ଏହି ଯୋଜନାକୁ ବିରୋଧର ୨ଟି ପ୍ରମୁଖ କାରଣ ରହିଛି । ୨ ବର୍ଷ ପୂର୍ବରେ ଯେଉଁ ଯୁବକମାନେ ସେନାର ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇଥିଲେ ମୁଖ୍ୟତଃ ସେହିମାନେ ଏହି ଯୋଜନାକୁ ବିରୋଧ କରୁଛନ୍ତି । ୨୦୧୯ ମସିହାରେ ହୋଇଥିବା ନିଯୁକ୍ତି ପ୍ରକ୍ରିୟା କରୋନା ମହାମାରୀ ଯୋଗୁଁ ବ୍ୟାହତ ହୋଇଥିଲା । ଫଳସ୍ୱରୂପ ଅନେକ ଯୁବକ ଶାରୀରିକ ଓ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧ୍ୟ ନିଯୁକ୍ତି ପାଇନଥିଲେ । ଅଗ୍ନିପଥ ଯୋଜନା ଯୋଗୁଁ ଉକ୍ତ ଯୁବକମାନେ ଆଜି ଅଯୋଗ୍ୟ ଘୋଷିତ ହୋଇଛନ୍ତି କାରଣ ସେମାନଙ୍କ ବୟସ ବର୍ତ୍ତମାନ ୨୧ ବର୍ଷରୁ ଅଧିକ ହୋଇଯାଇଛି । ବର୍ତ୍ତମାନ ଅଗ୍ନିପଥ ଯୋଜନା ଢାଞ୍ଚାରେ ଚୟନ ପ୍ରକ୍ରିୟା ହେବାକୁ ଥିବା ବେଳେ ପୂର୍ବର ସମସ୍ତ ଭର୍ତ୍ତି ପ୍ରକ୍ରିୟାକୁ ନିଷ୍କ୍ରିୟ କରାଯାଇଛି । ଯୁବକଙ୍କ ବିରୋଧ ଯୋଗୁଁ କେନ୍ଦ୍ର ସରକାର ଚଳିତବର୍ଷ ପାଇଁ ଅଗ୍ନିବୀରଙ୍କ ବୟସସୀମା ୧୭ ବର୍ଷରୁ ୨୩ ବର୍ଷକୁ ଅର୍ଥାତ ୨ ବର୍ଷ ବୃଦ୍ଧି କରିଛନ୍ତି । ଆନ୍ଦୋଳନରତ ଯୁବକ ଯୋଜନାରେ ଭତ୍ତା ପାଇଁ ଦାବି କରୁଛନ୍ତି । ସେମାନଙ୍କ ଯୁକ୍ତି ହେଉଛି ଅବସରର ପରେ ଅଗ୍ନିବୀରମାନେ ବେରୋଜଗାର ହୋଇଯିବେ, ଏଣୁ ସେମାନଙ୍କୁ ଭତ୍ତା ଦେବା ଉଚିତ । ବିନା ଭତ୍ତାରେ ସେବା ନିବୃତ୍ତ ଯୋଜନା କେବଳ ଆମ ଦେଶରେ ନୁହେଁ ବରଂ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ମଧ୍ୟ ଦେଖିବାକୁ ମିଳେ । ଯୁକ୍ତରାଷ୍ଟ୍ର ଆମେରିକାରେ ବିନା ଭତ୍ତାରେ ୮୦ ପ୍ରତିଶତ ସୈନିକ ୮ ବର୍ଷରେ କାର୍ଯ୍ୟ କରି ଅବସର ନେଇଥାନ୍ତି । ୨୦୨୧ ମସିହାରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆମେରିକାରେ ଅବସରପ୍ରାପ୍ତ ସୈନିକଙ୍କ ବେରୋଜଗାର ହାର ମାତ୍ର ୪.୪ ପ୍ରତିଶତ; ଯାହା ଜାତୀୟ ବେରୋଜଗାର ହାର ୫ ପ୍ରତିଶତରୁ ମଧ୍ୟ କମ । ସେହିପରି ଇଜରାଇଲରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ୩ ବର୍ଷ ସେନାରେ କାର୍ଯ୍ୟ କରିବା ବାଧ୍ୟତାମୂଳକ । ଇଜରାଇଲରେ ମଧ୍ୟ ସୈନିକଙ୍କୁ ଅବସର ପରେ କୌଣସି ଭତ୍ତା ପ୍ରଦାନ କରାଯାଏ ନାହିଁ, ସେହି ଅର୍ଥ ଦେଶରେ ବିକଶିତ ଜ୍ଞାନକୌଶଳ ଓ ଅସ୍ତ୍ରଶସ୍ତ୍ରରେ ବିନିଯୋଗ କରାଯାଏ । ଆଧୁନିକ ଅସ୍ତ୍ରଶସ୍ତ୍ର ଓ ଜ୍ଞାନକୌଶଳକୁ ପାଥେୟ କରି ଏକ କ୍ଷୁଦ୍ର ଦେଶ ହୋଇ ମଧ୍ୟ ଆଜି ଇଜରାଇଲ୍ ବିଶ୍ୱ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଭାଷିତ । ସେନାରୁ ସେବା ନିବୃତ୍ତ ହେବା ସମୟରେ ସୈନିକଙ୍କ ନିକଟରେ ପ୍ରଗାଢ଼ ଆତ୍ମବିଶ୍ୱାସ ରହିଥିବ ଯାହା ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ସହାୟକ ହେବ । କିଛି ବୁଦ୍ଧିଜୀବୀଙ୍କ ମତରେ ଅଗ୍ନିବୀରମାନେ ସେନାରୁ ୨୧ରୁ ୨୫ ବର୍ଷ ଆୟୁରେ ସେବରୁ ନିବୃତ୍ତ ହେବେ ଏବଂ ଏହାର ପରବର୍ତ୍ତୀ ସମୟରେ ବେରୋଜଗାରୀ ଯୋଗୁଁ ଦେଶ ବିରୋଧୀ ଗତିବିଧିରେ ସାମିଲ ହୋଇପାରନ୍ତି କିମ୍ବା ଆତଙ୍କବାଦୀ ସଙ୍ଗଠନ ଗଠନ କରିପାରନ୍ତି; ଯାହା ଦେଶର ସୁରକ୍ଷା ପାଇଁ ଏକ

ବିରାଟ ପ୍ରଶ୍ନବାଚୀ ? ଭାରତ ସରକାରଙ୍କ ମତରେ ଯଦି କୌଣସି ଭାରତୀୟ ଯୁବକ ଭାରତୀୟ ସେନାରେ ସାମିଲ ହୋଇ ଦେଶର ସେବାରେ ନିଜକୁ ବ୍ରତି କରିଥାଏ, ତେବେ ଦେଶ ବିରୋଧୀ ଗତିବିଧିରେ ନିଜକୁ ସାମିଲ କରିବା ଅସମ୍ଭବ । ଏହା ମଧ୍ୟ ପ୍ରାୟତଃ ଯୁକ୍ତିଯୁକ୍ତ କାରଣ ଭାରତୀୟ ସେନାର ନିଷ୍ଠା, ସେବା ମନୋବୃତ୍ତି, ସଚ୍ଚୋଟତା ପାଇଁ ସମଗ୍ର ବିଶ୍ୱରେ ବିଖ୍ୟାତ ।

ଏହା ସତ୍ତ୍ୱେ ୨ ପ୍ରଶ୍ନର ଉତ୍ତର କେବଳ ଭବିଷ୍ୟତ ହିଁ ଦେବ, ଯାହାକୁ ଏଡ଼ାଇବା ପାଇଁ ସରକାରକୁ ଧ୍ୟାନ ଦେବାକୁ ପଡ଼ିବ । ପ୍ରଥମଟି ହେଉଛି ଅସ୍ତ୍ରଶସ୍ତ୍ରରେ ଚାଳନାରେ ନିପୁଣ ବେରୋଜଗାର ଯୁବକ ଯେପରି ସଶକ୍ତ ନାଗରିକ ସେନା ଗଠନ ନ କରିବେ । ଦ୍ୱିତୀୟତଃ ଏହି ଯୋଜନା ବିନା ପାଇଲଟ ପ୍ରୋଜେକ୍ଟରେ ଲାଗୁ କରିବା ସମାଜରେ ସୈନିକରଣ ସଙ୍କଟ ସୃଷ୍ଟି କରିପାରେ; ଏଥି ପ୍ରତି ମଧ୍ୟ ସରକାରକୁ ତୀକ୍ଷ୍ଣ ନଜର ରଖିବାକୁ ହେବ । ଏହାର ସମାଧାନ ପାଇଁ ସରକାର ଅଗ୍ନିପଥ ଯୋଜନାରେ ଯୁବକଙ୍କୁ ୪ ବର୍ଷ ବଦଳରେ ୫ ବର୍ଷ ପାଇଁ ନିଯୁକ୍ତି ଦେବା ଉଚିତ । ୪ ବର୍ଷ ସୈନ୍ୟ ଶିକ୍ଷା ଓ ସେବା ପରେ ପଞ୍ଚମ ବର୍ଷର ପ୍ରାରମ୍ଭରେ ପ୍ରତ୍ୟେକ ସୈନ୍ୟଙ୍କୁ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସୁଯୋଗ ଦେବାକୁ ହେବ । ସରକାର ଏହା ପାଇଁ କୌଣସି ପରୀକ୍ଷା କିମ୍ବା କାଉନସେଲିଂର ସହାୟତା ନେବା ଉଚିତ । ସୈନିକଙ୍କ ଇଚ୍ଛାନୁଯାୟୀ ସେମାନେ ଯେଉଁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ସୈନିକଙ୍କୁ ଉକ୍ତ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ତାଲିମ ଦିଆଯାଉ ଫଳରେ ଉକ୍ତ ନିର୍ଦ୍ଦିଷ୍ଟ କ୍ଷେତ୍ର ପାଇଁ ସୈନିକ ଜଣକ ନିକଟରେ ଉପଯୁକ୍ତ କୌଶଳ ବିକଶିତ ହେବ । ଅର୍ଥାତ କାର୍ଯ୍ୟକାଳର ପରିସମାପ୍ତି ଘଟିବା ପରେ ଯେତେବେଳେ ଅଗ୍ନିବୀର ନିଯୁକ୍ତି ଆଶାରେ ଯିବେ ତାଙ୍କ ନିକଟରେ ସେନାର ତାଲିମ ସହ ଯେଉଁ କ୍ଷେତ୍ରରେ ସେ ଆଗକୁ ବଢ଼ିବାକୁ ଚାହୁଁଥିବେ ସେହି କ୍ଷେତ୍ର ପାଇଁ ଉପଯୁକ୍ତ ଦକ୍ଷତା ସହ ତାଲିମ ମଧ୍ୟ ରହିଥିବ । ଫଳସ୍ୱରୂପ ଅଗ୍ନିବୀରଙ୍କୁ ନୂତନ ନିଯୁକ୍ତି ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଅବସର ପରେ ସୈନ୍ୟମାନେ ଦେଶ ପାଇଁ ବୋଝ ପାଲଟିବା ପ୍ରତିବଦଳରେ ବହୁମୁଖୀ ଜ୍ଞାନକୌଶଳରେ ନିପୁଣ ହେବା ଯୋଗୁଁ ଦେଶର ପ୍ରଗତିର ସହଭାଗୀ ହେବେ । ସରକାର ଏକାଧାରରେ ସେନା ତାଲିମପ୍ରାପ୍ତ ଯୁବପିଢ଼ୀ ସହ ବିଭିନ୍ନ କାର୍ଯ୍ୟରେ ଦକ୍ଷ ଯୁବପିଢ଼ୀ ମଧ୍ୟ ପାଇବେ ଯେଉଁମାନେ ଦେଶର ଅର୍ଥନୀତିକୁ ସୁଦୃଢ କରିପାରିବେ । ଏଥି ଯୋଗୁଁ ଦେଶରେ କୌଣସି ପରିସ୍ଥିତି ବେରୋଜଗାରୀ ବୃଦ୍ଧି ହେବ ନାହିଁ ଏବଂ ଦେଶର ଅଖଣ୍ଡତା ପାଇଁ କୌଣସି ବିଷମ ପରିସ୍ଥିତି ମଧ୍ୟ ସୃଷ୍ଟି ହେବ ନାହିଁ ।

ପରିଶେଷରେ ଗୋଟିଏ କଥା ଆମ ସଭିଙ୍କ ମନରେ ଉଙ୍କି ମାରିବା ଯୁକ୍ତିଯୁକ୍ତ ! ବିରୋଧ ପ୍ରଦର୍ଶନ ନାମରେ ଯୁବକମାନେ ଯେଉଁ ସରକାରୀ ବସ୍ତୁଗୁଡ଼ିକୁ ନଷ୍ଟ କରୁଛନ୍ତି ତାହା କେତେ ଦୂର ଯୁକ୍ତିଯୁକ୍ତ ? ସମସ୍ତ ସମସ୍ୟାର ସମାଧାନ ଶାନ୍ତିପୂର୍ଣ୍ଣ ଭାବରେ ହୋଇପାରିବ କିନ୍ତୁ ଏଭଳି ଘୃଣ୍ୟ କାର୍ଯ୍ୟ କରି ଯୁବକମାନେ ନିଜେ ନିଜକୁ ଭାରତୀୟ ସେନା ପାଇଁ ଅଯୋଗ୍ୟ ପ୍ରତିପାଦିତ କରୁଛନ୍ତି । ଗାନ୍ଧୀଙ୍କ ଅହିଂସାର ମନ୍ତ୍ରରେ ଅନୁବନ୍ଧିତ ଦେଶରେ ଏଭଳି ହିଂସାତ୍ମକ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ନୁହେଁ; ତାହା ମଧ୍ୟ ଦେଶର ଭବିଷ୍ୟତ ତଥା ଉତ୍ତରପୀଢ଼ିଙ୍କ ନିକଟରୁ ! ସରକାର ମଧ୍ୟ ଯୋଜନା ସମ୍ପର୍କରେ ଯେଉଁ ଅପପ୍ରଚାର ଜାରି ରହିଛି ସେଗୁଡ଼ିକୁ ଦୂରେଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ । ଦେଶର ଗୃହ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ଆଗଭର ହୋଇ ଦେଶର ଯୁବପିଢ଼ୀଙ୍କୁ ଏହି ଯୋଜନାର ଉପାଦେୟତା ସମ୍ପର୍କରେ ସଚେତନ କରିବାକୁ ହେବ । ଦୀର୍ଘ କିଛି ବର୍ଷ ମଧ୍ୟରେ ସରକାର ଓ ଜନତା ମଧ୍ୟରେ ସୃଷ୍ଟି ହୋଇଥିବା ଯୋଗାଯୋଗ ଦୂରତାକୁ ଦୂର କରିବା ପାଇଁ ଧ୍ୟାନ ଦେବାକୁ ହେବ । ଯଦି ସରକାର ଆପଣାର ନୀତି ଓ ଦୃଷ୍ଟିଶକ୍ତି ସମ୍ପର୍କରେ ଉପଯୁକ୍ତ ରୂପେ ଜନତା ନିକଟରେ ପହଞ୍ଚାଇବାରେ ସକ୍ଷମ ହେବେ ତେବେ ଏଭଳି ଦୂରାବସ୍ଥା କେବେ ମଧ୍ୟ ଦେଖିବାକୁ ମିଳିବ ନାହିଁ ॥

**ରାମନାଗୁଡ଼ା, ରାୟଗଡ଼ା**

# ସାକ୍ଷାତକାର
## ଅଭିନେତା ଦେବାଶିଷ ଦାଶ



ଦେବାଶିଷ ଦାଶ ଓଡ଼ିଶାର ପ୍ରତିଟି ଘରେ ଏକ ପରିଚିତ ନାମ । ସୁନା କଳସ, ବଡ଼ ଘର ବଡ଼ ଗୁମର କଥା ପରି ଧାରାବାହିକ ମାଧ୍ୟମରେ ସେ ଦର୍ଶକଙ୍କ ମନରେ ନିଜର ଛାପ ଛାଡିଯାଇଛନ୍ତି । ସେ ନିଜକୁ କେବଳ ଧାରାବାହିକରେ ବାନ୍ଧି ନ ରଖି ଅନେକ ଆଲବମ୍, ଟେଲିଫିଲ୍ମ ଏବଂ ଚଳଚ୍ଚିତ୍ରରେ ମଧ୍ୟ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି ।  ପେଶାରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଥିବାବେଳେ ନିଜ ବଳିଷ୍ଠ ଅଭିନୟ ମାଧ୍ୟମରେ ପ୍ରତିଭାର ପରିଚୟ ଦେଇଛନ୍ତି ଦେବାଶିଷ ।

( ପ୍ରସ୍ତୁତି - ଅଭିଲିପ୍ସା ପାଢୀ, ଏ ପି ଶୁଭକାନ୍ତ )

**ପ୍ରଶ୍ନ : ଆପଣଙ୍କ ପିଲାବେଳ ଓ ପଢାପଢି ବିଷୟରେ ପାଠକମାନଙ୍କୁ କିଛି ସୂଚନା ଦିଅନ୍ତୁ ?**



ଉତ୍ତର - ପିଲାବେଳେ ମୋର ପାଠ ବିଶେଷ ଭଲ ହେଉ ନଥିଲା । ମୁଁ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ପଢୁଥିଲି ଏବଂ ମଧ୍ୟମ ଧରଣର ଛାତ୍ର ଥିଲି । ଓ ୟୁ ଏ ଟିର ବେସିକ୍ ସାଇନ୍ସରେ ଗ୍ରାଜୁଏସନ୍ ପଢିଲା ବେଳେ ମୁଁ ଦ୍ୱିତୀୟ ସ୍ଥାନରେ ରହୁଥିଲି । ତାପରେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ରେ ପଢିଲି, ଏମ.ଫିଲ ବି ମୋର ଉତ୍କଳ ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିଲା ଏବଂ ପିଏଚଡ଼ି ଆଂଶିକ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଆଂଶିକ ନୁଆ ଦିଲ୍ଲୀ ସ୍ଥିତ ଆଇ ଆର ଆର ଆଇ ରୁ ସମ୍ପୂର୍ଣ୍ଣ ହୋଇ ଥିଲା ।

**ପ୍ରଶ୍ନ : ଆପଣଙ୍କ ସାଥୀ କଳାକାରମାନେ ଅଭିନୟ କ୍ଷେତ୍ରରେ କ୍ୟାରିୟର କରିବାବେଳେ ଆପଣ ଓ ୟୁ ଏ ଟି ଭଳି ପ୍ରତିଷ୍ଠିତ ସଂସ୍ଥାରେ ଚାକିରୀ କରିଛନ୍ତି, କେବେ ଏ ଦିଗକୁ ନ ଆସି କେବଳ ଅଭିନୟରେ ରହିବି ବୋଲି ଭାବିଛନ୍ତି କି?**

ଉତ୍ତର - ହଁ ଅନେକ ଥର ଭାବିଛି ଅଭିନୟ ରୁ ବିରତି ନେବା ପାଇଁ କିଛି ସମୟ ପାଇଁ ବିରତି ନେଇଥିଲି ମଧ୍ୟ, ସେହି ସମୟରେ ଇଚ୍ଛା ହେଉଥିଲା ମୋ ଅଭିନୟ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ, କିନ୍ତୁ ଅନେକ ଲୋକଙ୍କ ପରାମର୍ଶ ଏବଂ ଓଡିଶା ମନୋରଞ୍ଜନ ଜଗତର ସ୍ଥିତି ଦେଖି ମୁଁ ଅଧ୍ୟାପନା ସହ ଅଭିନୟ ମଧ୍ୟ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲି ।

**ପ୍ରଶ୍ନ : ଅଧ୍ୟାପନା ଏବଂ ଅଭିନୟ ଏ ଦୁଇଟି ମଧ୍ୟରେ ସମନ୍ୱୟ କିପରି ରକ୍ଷା କରନ୍ତି?**

ଉତ୍ତର - ଅଧ୍ୟାପନା ଏବଂ ଅଭିନୟ ଭିତରେ ସମନ୍ୱୟ ରଖିବାରେ ମୋ ନିର୍ଦ୍ଦେଶକ ମାନଙ୍କର ଅନେକ ସହାୟତା ରହିଛି । ପ୍ରାୟତଃ ମୋ ସୁଟିଂଗ୍ ରାତିରେ କିମ୍ବା ଛୁଟି ଦିନରେ ରଖାଯାଏ, ଯେମିତି ମୁଁ ଅଧ୍ୟାପନା ସାରି ଆରାମ ସେ ସୁଟିଂ କରି ପାରିବି ।

**ପ୍ରଶ୍ନ : ଆରମ୍ଭରୁ ଏପର୍ଯ୍ୟନ୍ତ ସେ ଦୂରଦର୍ଶନର ଟେଲିଫିଲ୍ମର ଚରିତ୍ରରୁ ଆରମ୍ଭ କରି ଏବେ ତରଙ୍ଗର ଧାରାବାହିକର ଚରିତ୍ର ପର୍ଯ୍ୟନ୍ତ ଅଭିନୟର ଯାତ୍ରା କିପରି ଥିଲା ?**


ଉତ୍ତର - ଛୋଟବେଳେ ମୁଁ ପ୍ରଶାନ୍ତ ନନ୍ଦଙ୍କ ସହ ସମ୍ରାଟ ଖାରବେଳ ଏବଂ ଅନ୍ତର୍ଦାହ ନାମକ ଦୁଇଟି ହିନ୍ଦୀ ଧାରାବାହିକରେ କାମ କରିଥିଲି । ତା ପରେ ଛୋଟ ବଡ଼ ଚଳଚ୍ଚିତ୍ର, ଆଲବମ, ଟେଲିଫିଲ୍ମରେ କାମ କରିବା ସହ ମନମୋହନ ମହାପାତ୍ର,

ହିମାଂଶୁ ପରିଜା, ସାଧୁ ମେହେର, ଜେକେ ବୀର ଙ୍କ ଭଳି ଖ୍ୟାତନାମା ଏବଂ କିଛି ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ନିର୍ଦ୍ଦେଶକଙ୍କ ସହ କାମ କରିବାରେ ମଧ୍ୟ ସୁଯୋଗ ମିଳିଛି ।

**ପ୍ରଶ୍ନ : ଏପର୍ଯ୍ୟନ୍ତ ଆପଣ ଥିଏଟର, ସିରିଏଲ୍, ଆଲବମ୍, ଫିଲ୍ମ ଆଉ ଉପସ୍ଥାପନା (ଆଙ୍କରିଂ) ପରି ଅନେକ କ୍ଷେତ୍ରରେ କାମ କରିଛନ୍ତି, ଏ ସବୁ ମଧ୍ୟରୁ ଆପଣଙ୍କୁ କେଉଁଥିରେ ଅଧିକ ମଜା ଲାଗେ ଆଉ ନୂଆ ଜିନିଷ ଶିଖିବାକୁ ମିଳେ?**

ଉତ୍ତର - ସବୁଥିରୁ ମୁଁ କିଛି ନା କିଛି ଶିଖିଛି, ସବୁଠୁ ବେଶି ମତେ ଧାରାବାହିକରେ ମଜା ଲାଗେ ଓ ଅନେକ କିଛି ଶିଖିବାକୁ ମିଳିଥାଏ ।

**ପ୍ରଶ୍ନ : ଆପଣଙ୍କୁ ଅଭିନୟ ପାଇଁ ସବୁଠୁ ଅଧିକ ପ୍ରଶଂସା କେବେ ମିଳିଥିଲା, ଯାହାକୁ ଆପଣ ଜୀବନସାରା ମନେ ରଖିଛନ୍ତି ?**




ଉତ୍ତର - ଅନେକ ଧାରାବାହିକ ଏବଂ ସିନେମାରେ କାମ କରିଛି ନିଶ୍ଚୟ, କିନ୍ତୁ ଦୂରଦର୍ଶନର ସୁନାକଳସ ଏବଂ ଈଟିଭିର ବଡଘର ବଡ଼ ଗୁମର କଥା ଧାରାବାହିକରୁ ହିଁ ଅଧିକ ପ୍ରଶଂସା ଏବଂ ଲୋକପ୍ରିୟତା ମିଳିଥିଲା ।

**ପ୍ରଶ୍ନ : ଓଡ଼ିଆ ଅଭିନୟ ଜଗତରେ ଆପଣଙ୍କ ସବୁଠୁ ପ୍ରିୟ ଅଭିନେତା କିଏ ଓ କାହାକୁ ଆପଣ ନିଜର ଆଦର୍ଶ ବୋଲି ମାନନ୍ତି ?**

ଉତ୍ତର - ମୁଁ ଯେଉଁମାନଙ୍କ ସହିତ କାମ କରିଛି, ସେମାନେ ସମସ୍ତେ ମୋ ପ୍ରିୟ ଅଟନ୍ତି । ସମସ୍ତଙ୍କ ଠାରୁ ଅନେକ କିଛି ଶିଖିବାକୁ ମିଳିଛି ଯେମିତି କି ମିହିର ଦାସ, ଅପରାଜିତା ମହାନ୍ତି । ଅପରାଜିତା ମହାନ୍ତି ମୋ ମାମାର ଅଭିନୟ କରୁଥିଲେ, ତେଣୁ ତାଙ୍କଠୁ ବହୁତ କିଛି ଶିଖିଛି ।

**ପ୍ରଶ୍ନ : ଆପଣଙ୍କ ଜୀବନରେ ଆପଣଙ୍କ ପରିବାରର ପ୍ରଭାବ କିପରି ରହିଥିଲା ?**

ଉତ୍ତର - ପରିବାରର ଭୂମିକା ତ ରହିଛି ନିଶ୍ଚୟ । ପ୍ରଥମେ ବାପା ଟିକେ ମୋ ଅଭିନୟ କରିବାକୁ ନେଇ କୁଣ୍ଠାବୋଧ କରୁଥିଲେ, କିନ୍ତୁ ପରେ ସରକାରୀ ଚାକିରି କଲା ପରେ ସବୁ ଠିକ୍ ହୋଇ ଯାଇଥିଲା । ପରିବାରରେ ସମସ୍ତଙ୍କର ବହୁତ୍ ସପୋର୍ଟ ମିଳିଛି ।

**ପ୍ରଶ୍ନ : ବହୁତ ନୂଆ ପ୍ରତିଭା ଏ ଦିଗରେ ଆସି କିଛି ନୂଆ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଆପଣ କଣ କହିବେ ?**

ଉତ୍ତର - ସେମାନଙ୍କୁ ମୁଁ ଏହା କହିବି ଯେ ଆଗ ଭଳି ଓଡ଼ିଆ ଅଭିନୟ ଜଗତ ନାହିଁ, ବହୁତ ଉନ୍ନତି କଲାଣି ଏଥିରେ


କ୍ୟାରିୟର କଲେ ଭବିଷ୍ୟତ ଅଛି । ସେମାନଙ୍କୁ ଏତିକି କହିବି ଯଦି ପ୍ରତିଭା ଅଛି, ପରିଶ୍ରମ କଲେ ନିଶ୍ଚୟ ସଫଳ ହେବେ ।

**ପ୍ରଶ୍ନ : ଓଡ଼ିଆ ଭାଷା କିମ୍ବା ସଂସ୍କୃତି ପାଇଁ ଆମେ ସଙ୍ଗୀତ ମାଧ୍ୟମରେ କିଛି କାମ କରିପାରିବା କି ?**

ଉତ୍ତର - ନିଶ୍ଚୟ କରିପାରିବା, ଯେହେତୁ ମୁଁ ବିଜ୍ଞାନ ବିଭାଗର ଛାତ୍ର ଥିଲି, ସାହିତ୍ୟ ବିଷୟରେ ମୋର ଏତେ ଅଭିଜ୍ଞତା ନାହିଁ । କିନ୍ତୁ ଏବେ ଅନେକ ସିନେମାରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଉଛି । ଆଗକୁ ମଧ୍ୟ ଦିଆଯିବ ବୋଲି ମୋର ଆଶା ।



**ଏଇ ସାକ୍ଷାତକାର ପାଇଁ ନିଜର ବହୁମୂଲ୍ୟ ସମୟ ଦେଇ ଥିବାରୁ ଶୁଭଦୃଷ୍ଟି ପରିବାର ତରଫରୁ ଦେବାଶିଷଙ୍କୁ ବହୁତ ଧନ୍ୟବାଦ ।**



# ନ୍ୟାୟତ୍ରସ୍ତା

ଅନସୂୟା ପଣ୍ଡା



ଉଦୁଉଦିଆ ଖରାବେଳଟାରେ ଥାନା ଅଫିସରେ ବୟସ୍କ ଝିଅଟାର କାନ୍ଦିବା ବନ୍ଦ ହେଉନଥାଏ। ଥାନାବାବୁ ବିବ୍ରତ ହୋଇ ପଚାରି ଚାଲିଥାନ୍ତି, "ମା! ଟିକେ ତୋ'ର ଠିକଣାଟା ମୋତେ କହ"। ବହୁତ ସମୟ ଗଲାପରେ ନ୍ୟାୟତ୍ରସ୍ତା ଝିଅଟି କାନ୍ଦକୁ ବନ୍ଦ କଲା। ଥାନା ବାବୁ ପୁଣି ପଚାରିଲେ, "ମା' ରେ ତୋ ଘରଟି କେଉଁଠି ? ତୁ କାହା ନାଆଁରେ ଅଭିଯୋଗ ଦେବାକୁ ଆସିଛୁ ?"। ଘର କଥା ଶୁଣି ଝିଅଟି ଆହୁରି ଜୋରରେ କାନ୍ଦି ଉଠିଲା। କହିଲା, " ମୁଁ ମୋର ମା' ନାଁରେ ଅଭିଯୋଗ ଦେବାକୁ ଆସିଛି। ଠିକଣା କଅଣ ମୁଁ କହି ପାରୁନି। ହଜି ଯାଇଛି ମୋର ଠିକଣା'ଟା"। ସେଇଠୁ ସେ ଥାନାବାବୁଙ୍କ ଆଗରେ କହିଚାଲିଲା ତା'ର ଅତୀତର ସୁଦୀର୍ଘ କାହାଣୀ ।

"ମୋ ମାଆ ବାପାଙ୍କର କେହି ସନ୍ତାନ ନ'ଥିଲେ। ମୋ ବାପା ମତେ ଅନାଥ ଆଶ୍ରମରୁ ତିନି ବର୍ଷର ହୋଇଥିଲା ବେଳେ ଆଣିଥିଲେ ତାଙ୍କ ଘରକୁ। ମା' ବାଧରେ ସେତେବେଳେ ହଁ ଭରିଥିଲେ କି କ'ଣ ମୁଁ ଏବେ ଆଉ କହି ପାରିବିନି। କିନ୍ତୁ ମୋତେ ସ୍ନେହ ଶ୍ରଦ୍ଧାରେ ଊଣା କରି ନଥିଲେ। ଯତ୍ନ, ସ୍ନେହ ଓ ଅନୁଶାସନରେ ବଡହେଲି। ପାଠ ପଢା ପଢି ମୋର ଭଲରେ ଚାଲି ଥିଲା। ମୁଁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପାସ୍ କଲା ପରେ, ବାପା ମୋର ରାଜଧାନୀରେ, ଗୋଟେ ବେସରକାରୀ କଲେଜରେ ଡାକ୍ତରୀପାଠରେ ନାମ ଲେଖେଇ ଦେଲେ। ବାପା ମୋ'ର ଭାରି ଅମାୟିକ ଲୋକ। ଗୋଟେ ସରକାରୀ କଲେଜରେ କିରାଣୀ ଚାକିରୀ ଖଣ୍ଡେ କରିଥିଲେ। ସମସ୍ତ ପଇସା ଖର୍ଚ୍ଚ କରି, ମତେ ନିଜ ଗୋଡରେ ଠିଆ କରିବା ତାଙ୍କ ଲକ୍ଷ ଥିଲା। ମୁଁ ତାଙ୍କ ଅଲିଅଳି, ଆଖିର ପିତୁଳା ଥିଲି। ମୋ ଭିତରେ ସେ ତାଙ୍କରି କାମନା, ଅଭିଳାଷ ଓ ସ୍ୱପ୍ନକୁ ସାକାର କରିବାକୁ ଚାହୁଁ ଥିଲେ। ଝିଅମାନଙ୍କ ଉପରେ ତାଙ୍କର ବେଶି ଭରସା ବୋଲି, ପୁଅ ଗୋଟିଏ ସେତେବେଳେ ପୋଷ୍ୟକରି ଆଣିନଥିଲେ। କଲେଜରୁ ସେ ଘରକୁ ଫେରିଲା ମାତ୍ରେ, ଘର ଫାଟକ ପାଖରୁ ସ୍ୱପ୍ନା ସ୍ୱପ୍ନା ପାଟି କରି ଡାକପକାନ୍ତି। ମୋ ପସନ୍ଦର କିଛି ଖାଇବା ଜିନିଷ ଯେମିତି ହେଲେ ଆଣିଥାନ୍ତି। ମତେ ତ ଯେମିତି ତାଙ୍କରି ଛତ୍ରଛାୟା ତଳେ ସ୍ୱର୍ଗସୁଖ ମିଳୁଥିଲା।

ଏ ମହାମାରୀ କରୋନା ଆସିଗଲା ଯେ ମୋ ଜୀବନର ଖୁସିକୁ ଗ୍ରହଣ ଲଗେଇ ଦେଲା। ବାପାଙ୍କୁ କରୋନା ହେଲା। ଏତେ ବି ସ୍ୱାସ୍ଥ୍ୟ ପରିସ୍ଥିତି ଖରାପ ହେଇନଥିଲା। ଅମ୍ଳଜାନ ସାମାନ୍ୟ କମ୍ ଥିଲା ପ୍ରାୟ ୯୦। ଜିଦିକରି ବେସରକାରୀ କୋଭିଡ ଡାକ୍ତରଖାନାକୁ ଚାଲିଗଲେ। କାଳେ ମୋତେ ସଂକ୍ରମିତ ହେଇଯିବ ଭାବି। ଭାରି ଛାନିଆ ସ୍ୱଭାବର ବାପା ମୋ'ର ଥିଲେ। ଗଲାବେଳେ ସାଥିରେ ବ୍ୟାଙ୍କ ଏଟିଏମ କାର୍ଡ ବି ନେଇଯାଇଥିଲେ। ଚାରିଦିନ ପରେ କରୋନାରେ ସବୁଦିନ ଲାଗି ଆମକୁ ଛାଡି ଆରପାରିକୁ ଚାଲିଗଲେ। ଆମ ମାଆ ଝିଅଙ୍କ ଉପରେ ବଜ୍ର ପଡିଗଲା। ପଚିଶି ହଜାର ଟଙ୍କା ଓ ଏଟିଏମ କାର୍ଡର ପତ୍ତା ଆଦୌ ମିଳିଲାନି। ଦୁର୍ବିସହ ହୋଇପଡିଲା ପରିବାର ଚଳେଇବା। ମାଆର ଫୁଙ୍ଗୁଳା

ମଥା, ଫୁଙ୍ଗୁଳା ହାତ ଆଉ ଧଳା ଶାଢୀ ଦେଖିବାକୁ ମୋର ସାହସ ପାଇଲାନି। ମୋ ପାଇଁ ବାପା ଆଦରରେ ଖଣ୍ଡେ ମୋଟା ସୁନାଚେନ୍ କରିଥିଲେ। ସେଇ ଚେନ୍ ଖଣ୍ଡକ ବିକି, କରୋନା ନିୟମ ମାନି ଆମେ ଦୁହେଁ ମାଆ ଓ ଝିଅ ତାଙ୍କର କ୍ରିୟା କର୍ମ କରିଲୁ। ମୋ ଆଗରେ ଅନ୍ଧକାର। ଲାଗିଲା ଖାଲଖମା, ଗୋଡି ପଥରର ଗୋଟେ ଦୁର୍ଗମ ରାସ୍ତାରେ, ଭଗବାନ ଆଣି ଛାଡିଦେଲେ। ସାହି ପଡିଶାର ଲୋକମାନଙ୍କର ସହାୟତାରେ, ମୁଁ ମୋର ମା'ର ଲାଗି କଲେଜରୁ ମାସିକ ପେନସନ୍ ଓ ବାପାଙ୍କ ମୃତ୍ୟୁ କାଳୀନ ପାଉଣା କରିପାରିଲି। ଲକ୍ଷାଧିକ ଟଙ୍କାନେଇ, ନିଜର ଭାଇମାନଙ୍କ ପାଖକୁ ମା'ମୋର ପଳେଇଗଲେ। ମୁଁ ଯେ ତାଙ୍କ ଝିଅ ଓ ଦାୟିତ୍ୱ,ଏକଥା ପୁରା ପାସୋରିଦେଲେ।

ଏଭଳି ଦୁଃସ୍ଥିତିରେ ମୁଁ କ'ଣ କରିବି ଜାଣି ପାରିଲିନି। ପୁରୁଣା ଅନାଥ ଆଶ୍ରମକୁ ଫେରିବାକୁ ଗଲାରୁ,ସେମାନେ ମୋଟା ଅଙ୍କର ଅର୍ଥ ଦାବିକଲେ। ବିନା ପଇସାରେ ଅନ୍ୟ କୌଣସି ହଷ୍ଟେଲ୍ ମଧ୍ୟ ରଖିଲେନି। ମୁଁ ଆଉ ଅନାଥ ନାହିଁ ବୋଲି ସରକାରୀ ସହାୟତାରୁ ବି ବଞ୍ଚିତ ହେଲି। ମୋ ଡାକ୍ତରୀ ପଢା ମାତ୍ର ଦୁଇ ବର୍ଷ ସରିଛି । ଆହୁରି ତିନି ବର୍ଷ ବାକି ଅଛି। ସବୁ ବର୍ଷ ବାପା ତାଙ୍କ ଭବିଷ୍ୟନିଧି ପାଣ୍ଠିରୁ ଉଠାଇ ମୋ ଦରମାଟି ଦେଇଦିଅନ୍ତି।ଏ ଥର ମୋ ପଇସା ନ ଦେବାରୁ କଲେଜବାଲା ନାଁ କାଟିଦେଲେ ଓ ବାହାର କରିଦେଲେ। ମାଆ ମୋ'ର ବାପାଙ୍କ ସଞ୍ଚିତ ପାଣ୍ଠିର ସବୁ ଅର୍ଥନେଇ ଚାଲିଗଲେ। ଆଉ ମୋ ଭବିଷ୍ୟତକୁ ଉଜାଡିଦେଲେ। ତ୍ରିଶଙ୍କୁ ପରି ନା ସ୍ୱର୍ଗକୁ ଯାଉଛି ନା,ମର୍ତ୍ତ୍ୟକୁ ଫେରିପାରୁଛି। ମୁଣ୍ଡ ଉପରେ ଯେମିତି ଆକାଶଟା ଛିଡି ପଡିଛି"। ରୋଷ ଅଭିମାନ ଭରା କଣ୍ଠରେ ଏକା ନିଃଶ୍ୱାସରେ ଏତେକ କହି ଝିଅଟି ପୁଣି କାନ୍ଦି ଉଠିଲା।

ଥାନା ବାବୁ ସ୍ଥାଣୁ ପରି ଶୁଣି ଚାଲିଥିଲେ ଅସହାୟ ନିଆଶ୍ରୀ ସ୍ୱପ୍ନାର ଅଭିଯୋଗ। କରୋନାକୁ ଯେତିକି ଗାଳି ଦେଉଥିଲେ, ସେତିକି ବିରକ୍ତି ଆଉ ଘୃଣ୍ୟତାରେ ମାଆ ବୋଲି ସମ୍ବୋଧନ କରୁଥିବା ଚରିତ୍ରକୁ ସମୀକ୍ଷା କରୁଥିଲେ। କେଡେ ଅଜବ ସଂସାର। ତିନି ବର୍ଷରୁ ରଖିଥିବା ପିଲାକୁ ପଶୁବି ଦୂରେଇ ଦେଇପାରିବନି। ଆଉ ପୂର୍ଣ୍ଣ ଯୌବନରେ ପାଦ ଦେଇଥିବା ଝିଅଟିକୁ, କେମିତି ଜଣେ ନାରୀ,ମାଆ କି ସ୍ତ୍ରୀ ହୋଇ ଛାଡି



ପାରିବ,ଏ କ୍ଷୁଦ୍ର ସଂସାରର ଶୁନ୍ ଶାନ୍ ରାସ୍ତାରେ ଏକାକୀ। ସ୍ତ୍ରୀମାନେ ତ ସ୍ୱାମୀର ପ୍ରତିଟି ମୁହୂର୍ତ୍ତକୁ ଜାବୁଡି ଧରନ୍ତି ହୃଦୟରେ। ଆଉ ସ୍ୱାମୀର ପ୍ରତିଟି ଆତ୍ମିକ ଭାବନା କି ଜିନିଷ ହେଉ, ଜଡେଇ ଦିଅନ୍ତି ନିଜକୁତା'ରି ଭିତରେ। ଇଏ କେମିତି ମାଆ ଚରିତ୍ର, ଯିଏ ପୁରା ଜଡ ଓ ଆବେଗହୀନ। ଯାହା ଭିତରେ ଦୟା, ସହାନୁଭୂତି କି ସମବେଦନା ପରି ଶବ୍ଦମାନଙ୍କର ସ୍ଥାନ ନାହିଁ। ସେ ତା ବାଟ କାଟି ପେନସନ ପାଇ, ଭାଇ ଆଉ ଭାଇ ପିଲାଙ୍କୁ ଚଳାଉଛି। ନିଜ ଭିତରୁ ମାତୃତ୍ୱକୁ ହତ୍ୟା କରି, ଦାୟିତ୍ୱହୀନ ଭାବରେ, ଗୋଟେ ଝିଅଟିକୁ ଠିକଣାହରା କରି, କଣ ଶାନ୍ତିରେ ରହିପାରିବ ଏ ସଂସାରରେ। ନାରୀ ନିଜେ ଜଳି ଅନ୍ୟକୁ ଆଲୋକିତ କରେ। ଇଏ ଗୋଟେ ଭିନ୍ନ ପ୍ରଜାତି ନାରୀ। ସ୍ୱାର୍ଥପର ମାଆ ଓ ବିବର୍ତ୍ତିତ ମୂଲ୍ୟବୋଧ, ଏକ ମାରାତ୍ମକ ସମ୍ମିଶ୍ରଣ। ଏଥିଲାଗି ଭଗବାନ ଏମାନଙ୍କୁ ନିଃସନ୍ତାନ ବୋଧହୁଏ କରିଥାନ୍ତି।

କିଛି ସମୟ ପରେ ଝିଅଟି ପୁଣି କହିବାକୁ ଲାଗିଲା, "ଆପଣ ଥାନାବାବୁ କୁହନ୍ତୁ, ମୁଁ କୁଆଡେ ଯିବି? ଆଉ ଆପଣଙ୍କୁ କେଉଁ ଠିକଣା ଦେବି?ବାପା ମୋର କହନ୍ତି, ଅନାଥର ନାଥ ସେହି କାଳିଆ ସାଆନ୍ତ। କିନ୍ତୁ ସେ ବି, ମୋ ଗୁହାରି ଶୁଣିବାକୁ ବଧିର। ଦୟାପରବଶ ହୋଇ ଆପଣ ଗୋଟିଏ ମାମଲା ରୁଜୁ କରନ୍ତୁ। କିନ୍ତୁ ମାଆକୁ ଯେପରି ବେଶି କିଛି ଅସୁବିଧା ହେବନି, ମତେ ଟିକିଏ ନ୍ୟାୟ ମିଳିବ। ନଚେତ୍,ମୁଁ ମୋ ବାପାଙ୍କ ପାଖକୁ ଚାଲିଯିବି"।

ଆଉ କିଛି କହିବାକୁ ନ ଦେଇ ଥାନାବାବୁ ସହୃଦୟତାରେ ହାତ ବୁଲେଇଲେ ସ୍ୱପ୍ନାର ମୁଣ୍ଡ ଉପରେ। ଆଉ କହିଲେ, ତୁ ମନରେ ଆଶା ଭରସା ରଖିଥିଆ। ମୁଁ ମୋ ପାରୁ ପର୍ଯ୍ୟନ୍ତ ତତେ ନ୍ୟାୟ ଦେବାକୁ ଚେଷ୍ଟା କରିବି।

**ବୁର୍ଲା, ସମ୍ବଲପୁର**



# ସୁଖନିଦ୍ରା

**କ୍ଷୀରାବ୍ଧି ଦାଶ**



ସକାଳ ୯ଟା  ହେଇ ଥାଏ। ସେଦିନ ମୋ ବୋଉ ସକାଳ ଜଳଖିଆ ପାଇ ଚକୁଳି ଆଉ ମଟର ତରକାରୀ କରି ଥାଏ। ଆହା। କି ସ୍ୱାଦିଷ୍ଟ ହେଇ ଥିଲା। ଏସବୁ ମୋ ନାନୀର ପ୍ରିୟ ଖାଦ୍ୟ। ମୁଁ ଭାବିଲି ତାକୁ ଏବେ ଭିଡିଓ କଲ୍ କରି ଚିଡେଇବି। ହଠାତ୍ ଫୋନ ଆସିଲା। ମୋ ବୋଉ ଫୋନ୍ କୁ। ଭାଇନା ଫୋନ୍ କରିଥିଲେ। ମାନେ ମୋ ଭିଣୋଇ। କଣ କହିଲେ କେଜାଣି। ବୋଉ ହାତରୁ ମୋବାଇଲ୍ ଟା ଖସି ପଡ଼ିଲା। ଦୁମ୍ କରି ତଳେ ବସି ପଡ଼ିଲା ସେ।

"କଣ୍ ହେଲା ବୋଉ । କଣ କହିଲେ ଭାଇନା। କଣ ନାନୀ କିଛି ଝଗଡ଼ା କରିଛି କି ଭାଇନା ଙ୍କ ସଙ୍ଗେ। ରହ। ମୁଁ ଭାଇନା ଙ୍କୁ ଫୋନ୍ କରି ବୁଝେଇ ଦେବି। ଜାଣିନୁ କି ମୁଁ ପା ଭାଇନା ଙ୍କ ଅଧା ଘରବାଲି। " ଏମିତି କହି ଜୋର୍ ରେ ହଲେଇ ଦେଲି ମୁଁ ବୋଉ କୁ।

ମୋ ଝିଅ............................

ବିକଟାଳ ଚିତ୍କାର ଟେ କଲା ସେ। ସତରେ ଭାରି ଭୟାନକ ଥିଲା ସେ ଚିତ୍କାର।

"ପୁଅ ଗାଡି ବାହାର କର। କଟକ ଚାଲ୍। ମେଡିକାଲ୍ ଚାଲ୍। ଚାଲ୍। ଜଲଦି। କାହାକୁ ଚାହିଁଚୁ। ଚାଲ୍ "। ମୋ ଭାଇ କୁ କହିଲା ବୋଉ। ମେଡିକାଲ୍ କଥା ଶୁଣି ମୁଁ ପୁରା କାଠ ହେଇ ଗଲି। "ବୋଉ, କହଲୋ ବୋଉ। କଣ ହେଇଚି।  କାହିଁ କାନ୍ଦୁଛୁ। କଣ ପାଇ ଯିବୁ ମେଡିକାଲ୍। କଣ ହେଇଚି କାହାର। ନାନୀ ଭଲରେ ଅଛି ନା। " କିଛି କହିଲାନି ବୋଉ। ସେଇ ସୂତା ଘର ପିନ୍ଧା ଲୁଗା ମୁଣ୍ଡରେ ଦେଇ ଖାଲି ଠାକୁରଙ୍କ ଘରେ ମୁଣ୍ଡିଆ ଟେ ମାରି ବାହାରି ଗଲା। ମୋ ଦେହ ହାତ ଖାଲି ଥରୁଥାଏ। ବାବା ବି ନାହାନ୍ତି ଘରେ। ଏବେ ବୋଉ ଆଉ ପୁଅ ବି ପଳେଇଲେ। ମୁଁ ଏକା କଣ କରିବି। କାହାକୁ ଫୋନ କରିବି। କିଛି ବୁଝି ପାରୁ ନ ଥାଏ।  ପାଖାପାଖି ଗୋଟେ ଘଣ୍ଟା ପରେ ମୋ ଭାଇ ର ଫୋନ୍ ଆସିଲା। "ନାନୀ, ତୁ ଗୋଟେ ଅଟୋ କରି ମେଡିକାଲ୍ ପଳେଇ ଆସେ। ଜଲଦି। ଆଇସିୟୁ। ରୁମ୍ ନମ୍ବର୍ ୪୦୩। "

ବାସ୍। ଗୋଟେ ଯନ୍ତ୍ରଚାଳିତ ମେସିନ ପରି ଏତକ କହି ସେ ଫୋନ୍ କାଟି ଦେଲା। ମୁଁ ବି ସଙ୍ଗେ ସଙ୍ଗେ ବାହାରି ପଡ଼ିଲି। ଅଧା ଘଣ୍ଟା ର ବାଟ ମୋତେ ଗୋଟେ ଯୁଗ ପରି ଲାଗୁଥାଏ। ଭିତରକୁ ଯିବାକୁ ସାହସ ହଉ ନ ଥାଏ। କାହାର କଣ୍ ହେଇଚି। ତଥାପି ସାହସ ସଞ୍ଚୟ କରି ଉପରକୁ ଗଲି। ମୋତେ ଦେଖୁଦେଖୁ ଭାଇନା ମୋ ହାତ ଧରି ଛୋଟ ଛୁଆ ପରି କାନ୍ଦିବାକୁ ଲାଗିଲେ। ମୁଁ ଧୀରେ ପଚାରିଲି। "କାହିଁ ଏମିତି କାନ୍ଦୁଛ ଭାଇନା। କଣ ହେଇଚି କାହାର। ବୋଉ କାହିଁ।"

"ମୁଁ ବଂଚି ପାରିବିନି ରେ ତାକୁ ଛାଡ଼ି। ଏ ଛୁଆ ଦିଟା ଙ୍କ ର କଣ୍ ହେବ। ମୁଁ କିଛି ବୁଝି ପାରୁନି। ସକାଳେ ମୁଁ ଅଫିସ ଯିବା ପାଇଁ ରେଡି ହଉଥିଲି। ପିଲାମାନେ ମଧ ସ୍କୁଲ ପାଇ ବାହାରିଥିଲେ। ମୋ ବୋଉ ର ତ

ଅଭ୍ୟାସ ସବୁ କଥାରେ ଟିକେ ଦେଖେଇ ଶିଖେଇ କହିବା। କଣ ତାକୁ ଟିକେ କହିଦେଲା ତୁମ ପରିବାର କୁ ନେଇ। ସେ ବହୁତ୍ କାନ୍ଦିଲା। କାନ୍ଦି କାନ୍ଦି ସବୁ କାମ କରୁଥିଲା। ହଠାତ୍ ଛାତି କୁ ଧରି ସେଇ ଖାଇବା ଟେବୁଲ ପାଖରେ ବସି ପଡ଼ିଲା। ତା ପରଠୁ ଆଉ ସେ କିଛି କହୁନି ରେ। ତାକୁ ଡାକ ଟିକେ। ମୋ କଥା ନ ଶୁଣିଲା ନାଇ। ଛୁଆ ଙ୍କ ଉପରେ ସେ କେବେ ରାଗିବନି। " ଆହୁରି ଜୋର୍ ରେ କାନ୍ଦିବାକୁ ଲାଗିଲେ ଭାଇନା। ମୁଁ ଜାଣିଚି ନାନୀର ଶାଶୁ ଘର ଲୋକ ଟିକେ ସେମିତି। କିନ୍ତୁ ଭାଇନା ତାକୁ ବହୁତ୍ ଭଲ ପାଆନ୍ତି। ମୋ ମୋ ଭାଇ କୁ ପଚାରିଲି। ବୋଉ....? ସେ ହାତ ଠାରି କହିଲା କି ଆଇସିୟୁ ରେ ନାନୀ ପାଖରେ। ମୁଁ ପୁଣି ପଚାରିଲି ଡାକ୍ତର କଣ୍ କହୁଛନ୍ତି...?? ସେ ଖାଲି କାନ୍ଦିବାକୁ ଲାଗିଲା। ମୁଁ ଡରି ଡରି ଆଇସିୟୁ ଭିତରକୁ ଗଲି। ବୋଉ ନାନୀର ହାତ କୁ ଧରିଛି। ମୋତେ ଦେଖୁଦେଖୁ ନାନୀ କହିଲା। ଆସିଲୁ। ଏତେ ଡେରି କରିଦେଲୁ ଲୋ। ତୋତେ ଦେଖିବାକୁ ଭାଇ ଇଚ୍ଛା ଥିଲା। ମୋ ଛୁଆ ତୋତେ ଲାଗିଲେ। । ମୁଁ କହିଲି। ଚୁପ୍ କର ତୁ। ତୋର କିଛି ହେବନି। ସେ ଆଉ ଥରେ ମୋତେ ଚାହିଁଲା। ପୁଣି ବୋଉ କୁଚାହି କହିଲା।"ଟିକେ ତୋ କୋଳ ରେ ଆଜି ଶୁଆଇ ଦବୁ ବୋଉ। ଭାରି କଷ୍ଟ ହଉଚି ଲୋ। କାଳେ ତୋ କୋଳ ରେ ଶୋଇଲେ ଟିକେ ଆରାମ ଲାଗିବ "।

"ଆ ଲୋ। ମୋ ଧନ। ମୋ କୋଳ ଆଉ କାହା ପାଇ ଯେ। ଶୋ ଲୋ ମୋ ଝିଅ। କଣ ଖାଇବୁ କହ। ମୁଁ ସବୁ ରାନ୍ଧି ଦେବି ମୋ ଝିଅ ପାଇ। ଜାଣିଚୁ, ଆଜି ଚକୁଳି ପିଠା କରିଛି। ତୁ ଖାଇବୁ। ରହ ମୁଁ ଏବେ ପୁଅକୁ କହି ଘରୁ ନେଇ ଆସିବି। ଏ ଡାକ୍ତର ଟା କଣ ଜାଣିଚି ଯେ। ଖାଲି ଏଡୁ ସେଡୁ ଗପୁଚି। ଆରେ ଏମାନେ କଣ୍ ମୋ ଝିଅ ର ମନ କଥା ବୁଝି ପାରିବେ। ମୁଁ ବୁଝିବି ନା...........

ନାନୀ ର ମୁଣ୍ଡ ଆଉଁସି ଏମିତି କେତେ କଣ ଗପୁଥିଲା ମୋ ବୋଉ। ନାନୀ କିନ୍ତୁ ଆରାମ ରେ ଶୋଇ ଥିଲା। ସତେକି ସେ ମୋ ବୋଉ କୋଳ କୁ ହି ଅପେକ୍ଷା କରିଥିଲା।

(ଏକ ସତ୍ୟ ଘଟଣା ଉପରେ ଆଧାରିତ କାହାଣୀଟିଏ)

**ଯୋଧପୁର, ରାଜସ୍ଥାନ**



# ବର୍ଷାଭିଜା ରାତି

ଡା ପ୍ରତୀକ କୁମାର ପହ୍ରୀ



ଆକାଶ ରେ ବାଦଲ ଫଟା ବର୍ଷା , ତା ସାଥେ ପ୍ରଖର ବେଗରେ ଝଡି ପବନ , ରାତି ସେତେବେଳକୁ ୧୧ ଟା ପାଖାପାଖି ହେଲାଣି। ରାଜେଶ କଟକଠାରୁ କାର ଯୋଗେ ଆଗେଇ ଚାଲିଛି ହରିଚନ୍ଦନପୁର(କେନ୍ଦୁଝରଗଡ଼) ଅଭିମୁଖେ । ବର୍ଷା ବୋଧେ ଦେଢ଼ ଘଣ୍ଟା ଉପରେ ହେଇଯିବ ଥମିବା ନାଁ ଧରୁନି , ସେତେବେଳକୁ ସେ ଯାଜପୁର ଜିଲ୍ଲାର ଟମକା ସଂରକ୍ଷିତ ଜଙ୍ଗଲ ଅତିକ୍ରମ କରି କେନ୍ଦୁଝର ଜିଲ୍ଲାର ବ୍ରାହ୍ମଣୀ ପାଳ ପାଖରେ ପହଞ୍ଚି ସାରିଥିଲା। ସେଠାରୁ ହରିଚନ୍ଦନପୁର ଆଉ ୩୫ କିମି ଦୂରରେ , ମାତ୍ର ମଝିରେ ପଡିବ ଅଗନା ଅଗନି ସବୁଜ ବନସ୍ତ ଘେରା ଦାନ୍ତୁଆଣୀ ଘାଟି। ଏତେ ଲଗାଣ ବର୍ଷା ରେ ସେ ଘାଟି ରାସ୍ତାରେ ଯିବା ସେ ସୁରକ୍ଷିତ ମନେ କଲାନି , ପାଖରେ ଯେଉଁ ସ୍ୱଳ୍ପ ସଂଖ୍ୟକ ଘର ଥିଲା ସେସବୁ ରେ ବୋଧେ ଲୋକେ ଶୋଇ ଗଲେଣି , ହୋଟେଲ କି ଲଜ୍ ମିଳିବାର ଆଶା ମଧ ସେଠାରେ କ୍ଷୀଣ। ଠିକ ଏହି ସମୟରେ ତା ଆଖିରେ ପଡିଲା ଛୋଟ ଘର ଟିଏ, ଆଲୁଅ ମଧ ଜଳୁଛି ବୋଧେ ଲୋକ ଚେଇଁ ଛନ୍ତି। ସେ ଜମାରୁ କାଳ ବିଳମ୍ବ ନକରି ଗାଡି କୁ ଯଥାଶୀଘ୍ର ପାର୍କ କରି ଦୌଡ଼ି ଦୌଡ଼ି ଯାଇ ସେ ଘରର କଲିଂ ବେଲ୍ ବଜାଇଲା , ଦୁଇ ତିନି ଥର ବେଲ୍ ବାଜିଲା ପରେ ଘର ଭିତରୁ ହଳଦୀ ରଙ୍ଗର ଶାଢ଼ୀ ପିନ୍ଧି ତା'ରି ବୟସର(୩୦-୩୧) ଜଣେ ଅନିନ୍ଦ୍ୟ ସୁନ୍ଦରୀ ମହିଳା ବାହାରି ଆସିଲେ।

ରାଜେଶ - ମାଡାମ , ମୁଁ ଇନ୍ସପେକ୍ଟର ରାଜେଶ ମୋର କଟକରୁ ହରିଚନ୍ଦନପୁର ଥାନା କୁ ବଦଳି ହୋଇଛି , କାଲି ଜଏନିଙ୍ଗ୍ ଅଛି , ଆଜି କାମ ସାରି ଆସୁ ଆସୁ ଲେଟ ହେଇଗଲା , ପୁଣି ଏ ଯୋଉ ବର୍ଷା ... ଆଗକୁ ଯିବା କଣ ସେଫ୍ ରହିବ ଘାଟି ଉପର ଦେଇ ?!

ସେ ମହିଳା ଜଣକ ଉତ୍ତର ଦେଲେ - ଜମା ବି ନୁହେଁ , ଯେତିକି ବର୍ଷା ହେଲାଣି ଗଛ ପଡି ରାସ୍ତା ବ୍ଲକ ହେଇସାରିଥିବ...

ରାଜେଶ - ତେବେ କଣ କରିବା ମାଡାମ, ଆପଣଙ୍କ ଘରେ ଆଉ କିଏ ପୁରୁଷ ଲୋକ ଅଛନ୍ତି ?

ମହିଳା - କେହି ବି ନାହାନ୍ତି , ମୁଁ ଏକା ରହେ ...

ରାଜେଶ - ଓକେ ମାଡାମ୍ , ମୁଁ ତେବେ ଆସୁଛି ରାତି ଟା ଗାଡି ଭିତରେ ଟିକେ ରେଷ୍ଟ ନେଇ ଭୋର୍ ହେଲେ ବାହାରି ଯିବି , ବର୍ଷା ବି କମି ଯାଇଥିବ... ବୋଲି କହି ରାଜେଶ ପଛକୁ ବୁଲି ପଡିଲା ବେଳକୁ ସେ ମହିଳା ଜଣକ କହିଲେ- ଶୁଣନ୍ତୁ , ଆପଣ ପୁରାପୁରି ଓଦା ହୋଇଯାଇଛନ୍ତି, ତା ପରେ ରାତିରେ ବାହାରେ କଣ ଶୋଇବେ , ଘରକୁ ଆସନ୍ତୁ ମୋର ଗୋଟେ ଗେଷ୍ଟ ରୁମ ଅଛି ସେଇଠି ଆରାମ ସେ ରେଷ୍ଟ ନେଇ ସକାଳ ହେଲେ ଯିବେ।

ରାଜେଶ ଟିକେ ସଂକୋଚ ଅନୁଭବ କରିବାରୁ ମହିଳା ଜଣକ ପୁଣି କହିଲେ- ଏତେ ଆଉ ଚିନ୍ତା କରନ୍ତୁନି , ଜଲ୍ଦି ଆସନ୍ତୁ ନଚେତ୍ ସର୍ଦ୍ଦି ହେଇଯିବ।

ଏହାପରେ ରାଜେଶ ଗାଡ଼ିରୁ ତା ଜିନିଷଗୁଡିକ ଆଣି

ସେ ମହିଳାଙ୍କ ସାଙ୍ଗେ ତାଙ୍କ ଗେଷ୍ଟ ରୁମ କୁ ଗଲା ଆଉ ଡ୍ରେସ ଚେଞ୍ଜ କରିବାକୁ ବାହାରିଲା , ସେହି ସମୟରେ ଅନାମିକା ମହିଳା ମଧ ରାଜେଶ ପାଇଁ କଫି ତିଆରି କରିବାକୁ କିଚେନ୍ ଆଡ଼େ ଅଗ୍ରସର ହେଲେ ।

ମହିଳା ଜଣକ କଫି କପ୍ ଧରି ନିମିଷକ ମଧରେ ରାଜେଶ ଥିବା କୋଠରୀ ପାଖରେ ପହଞ୍ଚି ଦେଖିଲେ କବାଟ ଅଧା ରୁ ଟିକେ କମ ଖୋଲା ଅଛି , କବାଟ ଫାଙ୍କରେ ସେ କଣେଇ ଚାହିଁଲାବେଳକୁ ଧଳା ଟାୱେଲ୍ ରେ ଚମକି ଉଠୁଥିଲା ରାଜେଶର ଜିମ୍ ଟୋନ୍ଡ ଫୁଙ୍ଗୁଳା ଦେହ, ଏକ ଦୁଇ କରି ଏତେ ଦୂରରୁ ବି ଗଣି ହେଉଛି ତା ଛ' ଗୋଟି ବିସ୍କିଟ୍ (ଆବ୍ସ)। ଚାହିଁଲେ ବି ଆଖି ଫେରେଇ ପାରୁ ନଥିଲେ ଅନାମିକା ମହିଳା , ମାତ୍ର କୌଣସି ମତେ ସେଠାରୁ ଆସି ଡ୍ରଇଂ ରୁମ ସୋଫା ଉପରେ ବସି ଭାବିଲେ- ଛି , କେଡେ ଲାଜ କଥା ... ମୁଁ ଏ କଣ କରୁଥିଲି ... ଏମିତି ଭାବୁ ଭାବୁ ରାଜେଶ ଆସି ସେଠାରେ ପହଞ୍ଚି ଯାଇ ପଚାରିଛି- ମାଡାମ୍ , ଆପଣଙ୍କ ନାଁ ଟା କହିଲେନି ତ ? ସ୍ୱାତୀ- ମହିଳା ଜଣକ ଉତ୍ତର ଦେଲେ ।

ରାଜେଶ- ଆଚ୍ଛା ତେବେ ସ୍ୱାତୀ ମାଡାମ୍ ଆପଣ କଣ ଏଠି ଏକା ରୁହନ୍ତି , ଆଇ ମିନ୍ ଆଉ କେହି ଫାମିଲି ମେମ୍ବର ?

ସ୍ୱାତୀ- ଆଜ୍ଞା ମୁଁ ଏକା ହିଁ ରହେ , ମୁଁ ବାହା ହେଇନି ... କିନ୍ତୁ ସେସବୁ ଛାଡ଼ନ୍ତୁ କଫି ପିଅନ୍ତୁ ଥଣ୍ଡା ହେଇଯିବ , ଆଉ କଣ ଖାଇବେ କି କୁହନ୍ତୁ ? ଡିନର କରିଛନ୍ତି ?

ରାଜେଶ- ୟେସ୍ , ମୁଁ କଟକରୁ ଡିନର କରି ଆସିଥିଲି ସେଥିପାଇଁ ବ୍ୟସ୍ତ ହୁଅନ୍ତୁନି (ରାଜେଶ କଫି କପ୍ ନେଇ ପିଇବା ଆରମ୍ଭ କରିଛି) , ବାଃ ଚମତ୍କାର ଫିଲ୍ଟର୍ କଫି ମାଡାମ୍ ... ବହୁତ ଧନ୍ୟବାଦ ଆପଣଙ୍କୁ , ତେବେ ଆପଣ କଣ କରନ୍ତି ?

ସ୍ୱାତୀ- ବ୍ରାହ୍ମଣୀ ପାଳ ହାଇସ୍କୁଲ ରେ ଟିଚର୍ ଅଛି ।

ରାଜେଶ- ଓକେ , ଭେରି ନାଇସ୍ ... ହେଲେ ଆପଣ ସିଙ୍ଗଲ୍ ନା ମିଙ୍ଗଲ୍ ଯେ ... ଏତେ ସୁନ୍ଦରୀ ମହିଳା ସିଙ୍ଗଲ୍ ହେଇଥିବା ପରି ଲାଗୁନି !

ସ୍ୱାତୀ- ଅଫ୍ କୋର୍ସ ସିଙ୍ଗଲ୍ , ବଟ୍ ନଟ୍ ଆଭେଲେବଲ ...

ମୁଁ ଆଜି ଜାଣିଲି ଯେ ପୋଲିସମାନେ ବି ଏତେ ଫ୍ଲର୍ଟ୍ ।

ରାଜେଶ- କାଇଁ , ପୋଲିସର ବି ହୃଦୟ ଅଛି ମନ ଅଛି...

ସ୍ୱାତୀ- ହଉ ରାତି ୧୨:୩୦ ହେଲାଣି ଶୋଇଯାନ୍ତୁ , ଭୋର୍ ରୁ ଉଠି ମୁଁ ୱାକ୍ ରେ ଯିବି ।

ରାଜେଶ- ମତେ ବି ଟିକେ ଡାକିବେ ପ୍ଲିଜ୍ , ପାହାଡ଼ୀ ଜାଗା ସବୁ ଦେଖିବାକୁ ମୋର ଭାରି ଇଛା।

ସ୍ୱାତୀ- ଠିକ ଅଛି , ଗୁଡ଼ ନାଇଟ୍ ।

ଏହାପରେ ଦୁହେଁ ନିଜ ନିଜ ରୁମ କୁ ଶୋଇବାକୁ ଗଲେ । କିଛି ସମୟ ମଧରେ ରାତି ପାହି ଭୋର୍ ହେଲା , ବର୍ଷା ପୁରା ଛାଡି ଯାଇଥାଏ , ରାଜେଶ ଆଉ ସ୍ୱାତୀ ୱାକ୍ ରେ ବାହାରିଲେ। ଲଗାଣ ବର୍ଷା ଯୋଗୁଁ ପାହାନ୍ତି ସମୟ ଶୀତ ଦିନ ଭଳି ଧୂଆଁଳିଆ ମନେ ହେଉଥାଏ। ପାହାଡ଼ ଖୋଲ ଗୁଡିକରୁ ବର୍ଷା ଜଳ ଝରି କୃତ୍ରିମ ପ୍ରପାତର ଭ୍ରମ ସୃଷ୍ଟି କରୁଛନ୍ତି, ଏହି ସମୟରେ ରାସ୍ତା କଡରେ ପଡ଼ିଥିବା କିଛି ଚିକିଟା କାଦୁଅ ରେ ସ୍ୱାତୀ ର ପାଦ ପଡିଲା ଆଉ ସେ ଖସି ପଡିଥିଲା ରାଜେଶର ବାହୁ ଯୁଗଳ ରେ, ଈଶ୍ୱର ବୋଧେ ଚାହୁଁଥିଲେ ଏ ସ୍ୱର୍ଗୀୟ ଆଲିଙ୍ଗନ , ହାଏ କେତେ ରୋମାଣ୍ଟିକ୍।

ସ୍ୱାତୀ ତରବର ହୋଇ ରାଜେଶ ବାହୁ ବନ୍ଧନ ରୁ ଫିଟି ଯାଇ କହିଲା- ଆଇ ଆମ୍ ଏକ୍ସଟ୍ରିମ୍ଲି ସରି... କାଦୁଅ

ଥିଲା ମୁଁ ଜାଣି ପାରିଲିନି ।

ରାଜେଶ- ଆପଣ କାହିଁ ସରି କହୁଛନ୍ତି ମ, ବର୍ଷାଦିନେ ଏସବୁ ନର୍ମାଲ , ନୋ ସରି ।

ସ୍ୱାତୀ- ସେଥିପାଇଁ ଏ ବର୍ଷାଋତୁ ମୋର ଆଦୌ ପସନ୍ଦ ନୁହଁ...

ରାଜେଶ- ମତେ କିନ୍ତୁ ବର୍ଷା ଭାରି ପସନ୍ଦ, ଆପଣ ବି ଏ ଋତୁ କୁ ଭଲ ପାଇ ଦେଖନ୍ତୁ ସେ ଆପଣଙ୍କୁ ନାନା ଢଙ୍ଗରେ ବିସ୍ମିତ କରିବ... ପୁରା ରଜସ୍ୱଳା ମାଟିର ବାସ୍ନା ପରି, ଇନ୍ଦ୍ରଧନୁର ସାତ ରଙ୍ଗ ପରି, ସାଧବ ବୋହୂର ନାଲି ଟୁକୁଟୁକୁ ରୂପ ପରି, ମୟୂରୀର ପୁଛ ପରି, କାଗଜର ଡ଼ଙ୍ଗା ପରି ପୁଣି ଆପଣଙ୍କ ହାତ ତିଆରି ଫିଲ୍ଟର୍ କଫି ର ସ୍ୱାଦ ପରି ।

ସ୍ୱାତୀ- ଚମତ୍କାର, ଆପଣ କବି ହେଲେନି କାହିଁକି ?

ରାଜେଶ- ସେଇଟା ଶିରାପ୍ରଶିରାରେ ଉହ୍ୟ ହେଇକି ଅଛି, ହୃଦୟ ଭାବପୂର୍ଣ୍ଣ ହେଲେ ଆପେ ଉଛୁଳି ଉଠେ... ହଉ ସେସବୁ କଥା ଛାଡ଼ନ୍ତୁ ଆପଣଙ୍କ ଘର ପରିବାର ଜୀବନ ବିଷୟରେ ଟିକେ କୁହନ୍ତୁ ପ୍ଲିଜ୍, ଏଭଳି ମାହୋଲ୍ ବହୁତ ବିରଳ ତେଣୁ...

ସ୍ୱାତୀ- କଣ କହିବି ଆପଣଙ୍କୁ, ବହୁତ ଲମ୍ବା କାହାଣୀ ହେବ , ଆପଣଙ୍କର ଲେଟ ହେବନି ତ ଜଏନିଙ୍ଗ ପାଇଁ କି ?

ରାଜେଶ- ଜମା ନୁହେଁ , ଟାଇମ୍ ଅଛି ଆପଣ କୁହନ୍ତୁ...

ତା ପରେ ସ୍ୱାତୀ ଆରମ୍ଭ କଲା ତା ଜୀବନ ଯାତ୍ରା ର ପ୍ରତି ଟି ସୋପନର କଥା- ମୋ ଜନ୍ମ ଯାଜପୁର ଜିଲ୍ଲାର ସୁକିନ୍ଦା ନିକଟସ୍ଥ ଏକ ଗ୍ରାମରେ, ପିଲାବେଳୁ ବାପାଙ୍କ ମୁହଁ ଦେଖିନି, ବାପା ଚାଲିଗଲା ପରେ ମାଆ ମଧ କେମିତି ଟିକେ ଚୁପଚାପ୍ ହେଇଗଲା ଡିପ୍ରେସନ ଯୋଗୁଁ । ତେଣୁ ବହୁ ଛୋଟ ବେଳୁ ମୋ ଜୀବନ ସଙ୍ଘର୍ଷ ରେ ଭରା, ତେବେ ସେ ଯାହା ବି ହଉ ବହୁତ କଷ୍ଟ ରେ ମୁଁ ପଢା ସାରିଲି, ଭଗବାନଙ୍କ ଅପାର କରୁଣା ରୁ ମୋର ପ୍ରଥମ ପୋଷ୍ଟିଙ୍ଗ ହେଲା ବ୍ରାହ୍ମଣୀ ପାଳ ହାଇସ୍କୁଲ ରେ। ମାଆ କୁ ସାଥିରେ ନେଇ ମୁଁ ଏଠାକୁ ସିଫ୍ଟ ହେଲି, ହେଲେ ଗୋଟିଏ ବର୍ଷ ଭିତରେ ମାଆ ମଧ ମତେ ଛାଡି ଚାଲିଗଲା... ଭାରି ଏକା ଆଉ



ଅସହାୟ ହୋଇ ପଡିଲି ମୁଁ, ଦୁନିଆଁ ଜମା ଭଲ ଲାଗୁନଥିଲା... ଲାଗୁଥିଲା ଏ ଜୀବନ ସତରେ କେତେ ଅସାର ଆଉ ମୂଲ୍ୟହୀନ।

ଏମିତି ଦିନେ ସକାଳୁ ମୁଁ ୱାକ୍ ପାଇଁ ବାହାରିଥାଏ , ଘର କବାଟ ଖୋଲିଲା ବେଳକୁ ଦେଖିଲି ବାରଣ୍ଡାରେ ଥୁଆ ହୋଇଛି ଏକ୍ଜୋଟିକ୍ ଟ୍ୟୁଲିପ୍ ରେ ସୁସଜ୍ଜିତ ଏକ ସୁନ୍ଦର ଚାଙ୍ଗୁଡ଼ି ଆଉ ତା ସହ ଗୋଟେ ଛୋଟ କାଗଜରେ କିଛି ଲେଖା- ଦୁନିଆଁ ରେ ଦୁଃଖୀ ହେବା ପାଇଁ ଯଦି ଶହେ କାରଣ ଥାଏ ସୁଖୀ ହେବା ପାଇଁ ଗୋଟିଏ କାରଣ ଯଥେଷ୍ଟ, ଶୁଭ ସକାଳ , ଏବେ ଟିକେ ହସିଦିଅ।

ଟ୍ୟୁଲିପ୍ ଚାଙ୍ଗୁଡ଼ି କୁ ବାରଣ୍ଡାରେ ଥୋଇ ମୁଁ ଚାରିଆଡେ ଖୋଜିଲି ହେଲେ ସେଠାରେ କେହି ବି ନଥିଲେ , ବାରି ପଟକୁ ଯାଇ ଦେଖେ ତ ଆମ୍ବଗଛ ଡାଳରେ ଗୋଟେ ସ୍ମାଇଲି ବଲ୍ ଝୁଲୁଛି ପୁଣି ସେଥିରେ ଲେଖା ଅଛି- ଜମା ରାଗନି, ଅବଶ୍ୟ ରାଗିଲେ ବି ତମେ ସୁନ୍ଦର ଦିଶୁଥିବ ମୁଁ ଜାଣେ... ଖୁବ୍ ଶୀଘ୍ର ମୁଁ ତୁମକୁ ଦେଖା ଦେବି।

ତା ପରେ ମୁଁ ଆଉ ଚାଲିବାକୁ ନ ଯାଇ କାମଦାମ ସାରି ସିଧା ସ୍କୁଲ ଯିବାକୁ ବାହାରିଲି, ସ୍କୁଟି ଧରି ମୁଁ ରାସ୍ତାରେ ଯାଉଥାଏ ଦେଖିଲି ଗୋଟେ ଜାଗାରେ ମେଞ୍ଚାଏ ଗିଲିରି ଫୁଲ ବ୍ୟବହାର କରି ହୃଦୟ ଭଳି ଏକ ଆକୃତି ତିଆରି କରା ଯାଇଛି ଆଉ ତା ଭିତରେ ଲେଖା ଅଛି-ସରି । ମୁଁ ସେପଟକୁ ଜମାରୁ ଦୃଷ୍ଟି ନ ଦେଇ ସ୍କୁଲ ରେ ପହଞ୍ଚି ଗଲି, ମୁଁ ଡରୁଥାଏ କାଳେ ସେ ପାଗଳ ପ୍ରେମୀ ଏଠି ବି କିଛି ସିନ୍ କ୍ରିଏଟ କରିବ ବୋଲି । ମାତ୍ର ସେମିତି କିଛି ବି ହେଲାନି, ଶନିବାର ଥିବା ରୁ ସ୍କୁଲ ୧୧ ଟା ସୁଦ୍ଧା ଶେଷ ହେଲା ମୁଁ ଘରକୁ ଫେରି ଦେଖିଲି କବାଟ ଉପରେ ପୁଣି ଗୋଟେ କାଗଜ ସାଥେ ଚକଲେଟ ପେଷ୍ଟ ହେଇଚି ଆଉ କାଗଜ ରେ ଲେଖା ଅଛି- ୪:୪୫, ଗୁଣ୍ଡିଚାଘାଗୀ/ ତମେ ଆଉ ମୁଁ ।

ମୁଁ ସେ କାଗଜ କୁ ଚିରି ଫିଙ୍ଗି ଦେଲି ଆଉ ସେ ଚକଲେଟ କୁ ଡଷ୍ଟବିନ ରେ ପକେଇ ଦେଲି , ତା ପରେ ଖାଇ ପିଇ ଶୋଇ ପଡିଲି। ୪ ଟା ବେଳେ ମୁଁ ନିଦରୁ ଉଠିକି ଦେଖେ ତ ମୋ ଘର ସାମ୍ନାରେ ଗୋଟେ କାର୍ ଛିଡା ହୋଇଛି, ଯେମିତି ମୁଁ କବାଟ ଖୋଲିଚି ଜଣେ ବୟସ୍କ ଡ୍ରାଇଭର ସେ ଗାଡି ଭିତରୁ ଆସି ମୋ ପାଖେ ଠିଆ ହେଲେ ଆଉ କହିଲେ- ମାଡାମ୍ , ଟିକେ ରେଡି ହେଇଯାନ୍ତୁ ଗୁଣ୍ଡିଚାଘାଗୀ ଯିବା ସାର୍ ମତେ ପଠେଇଛନ୍ତି ।

ସ୍ୱାତୀ- କୋଉ ସାର୍ ମ ସିଏ , ମୁଁ କାହିଁକି ଯିବି ?

ଡ୍ରାଇଭର- ପ୍ଲିଜ୍ ମାଡାମ୍, ଚାଲନ୍ତୁ ଥରେ ଦେଖାକଲେ ଅସୁବିଧା କଣ, ସାର୍ ଆମର ଭାରି ଭଲ ଲୋକ ।

ମୁଁ ଆଉ ବେଶୀ କିଛି ନ କହି ବାହାରି ପଡିଲି ଦେଖିବା ପାଇଁ ଯେ କିଏ ସେ ପ୍ରେମୀ ପାଗଳ...

୪୦ ମିନିଟ୍ ଭିତରେ ମୁଁ ପହଞ୍ଚି ଯାଇଥିଲି ଚିତ୍ତାକର୍ଷକ ଜଳପ୍ରପାତ ଗୁଣ୍ଡିଚାଘାଗୀ ପାଖରେ , ମତେ ଝୁଲନ୍ତା ସେତୁ ଉପରେ ଠିଆ କରେଇ ଡ୍ରାଇଭର ମଉସା ଟିକେ ଦୂରକୁ ଚାଲିଗଲେ, ଶୀତଦିନ ତେଣୁ ଗୋଧୂଳି ବେଳା ଆଗତ ପ୍ରାୟ, ପକ୍ଷୀ ମାନଙ୍କ ଲେଉଟଣୀ କଳରବ ଧ୍ୱନି ସାଥେ ପ୍ରପାତର ଘର୍ଘର ନାଦ ନିଘଞ୍ଚ ସବୁଜିମା ର ନୀରବତା କୁ ବାରମ୍ବାର ଭଙ୍ଗ କରୁଥାଏ... ଯେତିକି ଯେତିକି ଶୀତ ବଢ଼ି ଚାଲିଥାଏ , ସେଇ ଅନୁପାତରେ ମନରେ ଉତ୍କଣ୍ଠା ମଧ ବୃଦ୍ଧି ପାଉଥାଏ... ହଠାତ୍ ମୁଁ ପଛକୁ ବୁଲି ପଡିଲା ବେଳକୁ ଦେଖିଲି ଗୋଟେ ବିରାଟ ଟେଡି ବିଅର ମୋ ନିକଟତର ହେବାକୁ ଲାଗିଥିଲା , ମାନେ କିଏ ଜଣେ ତାକୁ ଧରି ମୋ ପାଖକୁ ଆସୁଥିଲା... ମୋ ପାଖରେ ପହଞ୍ଚି ସେ ମତେ ନିଜ ମୁହଁ ଦେଖେଇ କହିଲେ- ଗୁଡ଼ ଇଭ୍ନିଙ୍ଗ ସ୍ୱାତୀ ମାଡାମ୍ , କଣ ଜାଣିପାରିଲେ ?

ସ୍ୱାତୀ- ସଞ୍ଜୟ ସାର୍ ଆପଣ !!! ମୋ ଆଶ୍ଚର୍ଯ୍ୟ ର ସୀମା ରହିଲାନି!

ରାଜେଶ- ଏ ସଞ୍ଜୀୟ ସାର୍ ପୁଣି କିଏ , ତାଙ୍କୁ ଆପଣ ଚିହ୍ନିଥିଲେ ?

ସ୍ୱାତୀ- ବହୁତ ଭଲ ଭାବେ ଜାଣିଥିଲି ସଞ୍ଜୀୟ ସାର୍ ଙ୍କୁ , ସେ ଏଠାକାର ଫରେଷ୍ଟ ରେଞ୍ଜର୍ ଥିଲେ, ମୁଁ ଆମ ସ୍କୁଲର ଇକୋକ୍ଲବ ଦାୟିତ୍ୱ ବହନ କରିଥିବାରୁ ବନମହୋତ୍ସବ ତଥା ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ହେଉଥିବା ନାନା କାର୍ଯ୍ୟକ୍ରମ ଜରିଆରେ ତାଙ୍କ ସହ ଜଡିତ ଥିଲି, କହିବାକୁ ଗଲେ ତାଙ୍କର ଖୁବ ଭଲ ବନ୍ଧୁ ଥିଲି ମୁଁ । ସେ କିଶୋର ଅବସ୍ଥାରେ ନିଜ ମାଆ ଙ୍କୁ ହରେଇବା ପରେ ତାଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ, ତେଣୁ ତା ପରଠୁ ସାର୍ ନିଜ ବାପାଙ୍କ ଠାରୁ ଅଲଗା ରହୁଥିଲେ। ସେ ଭଲ ଚାକିରୀ ଖଣ୍ଡେ ପାଇଗଲେ ସତ ମାତ୍ର ସର୍ବଦା ଅସ୍ଥିରଚିତ୍ତ ରେ ରହୁଥିଲେ। ହେଲେ ସେ ମତେ ଏ ଭିତରେ ଭଲ ପାଇ ବସିଛନ୍ତି ବୋଲି ମୋର ଧାରଣା ନଥିଲା, ସେ ଆଉ ଗୌର ଚନ୍ଦ୍ରିକା ନ ଦେଇ ସିଧାସଳଖ ମତେ ବିବାହ ପ୍ରସ୍ତାବ ଦେଲେ ଆଉ ମୋର ସେଥିରେ ଅରାଜି ହେବାର ପ୍ରଶ୍ନ ଉଠୁ ନଥିଲା। ଧୀରେ ଧୀରେ ସଞ୍ଜ ନଇଁ ଆସିବାରୁ ଆମେ ସେଠାରୁ ଫେରିଲୁ, ଆସିବା ରାସ୍ତାରେ ଦାନ୍ତୁଆଣୀ ଘାଟି ଉପରେ ମା' ଦାନ୍ତୁଆଣୀ ପୀଠ(ଘଟଗାଁର ଅନତିଦୂରରେ ଶଗଡ଼ପଟା ନିକଟରେ ଅବସ୍ଥିତ ଶକ୍ତିପୀଠ, ଯାହାକି ଗୋବିନ୍ଦ ଭଞ୍ଜ କିମ୍ବଦନ୍ତୀ ରେ ଖଣ୍ଡାପୀଠ ରୂପେ ପରିଚିତ, ଜନଶୃତି ଆଧାରରେ ଏହି ସ୍ଥାନ ହେଉଛି ମା' ତାରିଣୀଙ୍କ ଆଦି ଉପାସନା ର ଭୂମି ଯେଉଁ ସ୍ଥାନରୁ ଦେବୀ ନିଜ ଖଣ୍ଡା ଫିଙ୍ଗିଥିଲେ ତାହା ଯେଉଁଠି ପଡିଲା ସେଇ କ୍ଷେତ୍ର ହେଲା ବର୍ତ୍ତମାନର ଘଟଗାଁ, ତଥାପି ଏ ସବୁ ତଥ୍ୟ ଆହୁରି ଗବେଷଣା ସାପେକ୍ଷ)। ମୁଁ ମା' ଙ୍କୁ ଦର୍ଶନ କରି ମେଲାଣି ନେବା ପାଇଁ ସଞ୍ଜୀୟ ସାର୍ ଙ୍କୁ କହିଲି, ଆମେ ଦୁହେଁ ମାଆ ଙ୍କୁ ମୁଣ୍ଡିଆ ମାରିବା ସମୟରେ ଆଳତି ଚାଲିଥାଏ, ସାର୍ ମୋ କାନରେ କହିଲେ- ଆଜିଠୁଁ ଆଉ ସାର୍ କି ଆପଣ ନୁହେଁ ମତେ ସଞ୍ଜୀୟ ଆଉ ତମେ ବୋଲି କହିବ। ମୁଁ ତାଙ୍କ କଥାରେ ହଁ ଭରି ଗାଡି ଆଡକୁ ଆସିଲି ସେ ଭୋଗ ଦୋକାନରେ ପଇସା ଦେଇ ୫ ମିନିଟ ରେ ଆସିବେ କହି ମତେ ଆଗେ ଆଗେ ଯିବାକୁ କହିଲେ। ମୁଁ ରାସ୍ତା ପାର ହେଲା ବେଳେ ଗୋଟେ ଟ୍ରକ ଘାଟିର ଗୋଟେ ବାଙ୍କ ଆଡୁ ମାଡି ଆସିଲା, ମୋ ନିଶ୍ୱାସ ଅଟକି ଗଲା, ଏମିତି ଲାଗିଲା କି ଆଜି ମୋର ଶେଷ ଦିନ, ହେଲେ ସେ ଡ୍ରାଇଭର ମଉସା ମତେ ଭିଡି ଆଣି ବଂଚେଇ ଦେଇଥିଲେ। ସାଙ୍ଗେ ସାଙ୍ଗେ ସଞ୍ଜୀୟ ଧାଇଁ ଆସିଲେ ଆଉ ମତେ କୁଣ୍ଢେଇ ଧରିବା ସହ ଡ୍ରାଇଭର ମଉସା ଙ୍କୁ ଅନେକ କୃତଜ୍ଞତା ଜ୍ଞାପନ କଲେ, ମୁଁ ବି ମଉସାଙ୍କ ନିକଟରେ ଚିରଋଣୀ ହେଇଗଲି। ଏହାପରେ ସଞ୍ଜୀୟ ମତେ ମୋ ଘରେ ଛାଡି ତାଙ୍କ କ୍ୱାଟରସ୍ ଆଡକୁ ଗଲେ। ସେତେବେଳକୁ ଅନେକ ରାତି ହେଲାଣି ମୁଁ ଶୋଇବାକୁ ଯାଉଥାଏ ହଠାତ୍ ମୋ ଫୋନ୍ ବାଜି ଉଠିଲା, ମୁଁ ଦେଖିଲି ରୋମା ର କଲ୍ , ଏତେ ରାତିରେ ଇଏ କାଇଁ କଲ କରିଛି ଭାବି ମୁଁ ତା ଫୋନ ଉଠେଇ କହିଲି- ଆଲୋ....ଛୋପରି, କୋଉ ଗାତରେ ପଶିଥିଲୁ ବା, ଏତେ ଦିନକେ ମୋ କଥା ମନେ ପଡିଲା..।

ରୋମା- ବ୍ୟାଙ୍କ ଚାକିରୀ କେମିତିକା ତୁ ତ ଜାଣିଚୁ, ସିଡ୍ୟୁଲ୍ ପୁରା ଟାଇଟ... ବଡ ଛୁଟି ପାଇଲେ ସିନା କୁଆଡେ ଯିବୁ।

ସ୍ୱାତୀ- ହଁ ଠିକ କଥା, ଆଉ କେମିତି ଅଛୁ କହ?

ରୋମା- ପୁରା ଭଲ ଅଛି, ଏବେ ୩-୪ ଦିନ ଛୁଟି ଅଛି ତ କାଲି ଖୋର୍ଦ୍ଧା-କେନ୍ଦୁଝରଗଡ଼ ମେମୁ ରେ ଯାଉଛି ତୋ ନିଅରେଷ୍ଟ ଟାଙ୍ଗିରିଆ ପାଳ ଷ୍ଟେସନ ରେ ଓହ୍ଲେଇବି।

ସ୍ୱାତୀ- ଯାହା ହେଉ ଭଲ ଖବର ଟେ ଦେଲୁ, କିନ୍ତୁ ସେ ଟ୍ରେନ ପହଞ୍ଚିବା ବେଳକୁ ରାତି ୭ ଟା ହେବ, ଆଉ ସେ ଜାଗାରେ ଅଟୋ ମିଳିବନି... ରହ ମୁଁ ଗାଡି

ପଠେଇଦେବି ତୁ ଆସିଯିବୁ ହେଲା ।

ଏହା କହି ମୁଁ ସଞ୍ଜୟଙ୍କୁ ଫୋନ କରି ଏ ବିଷୟରେ ଜଣେଇଲି, ହେଲେ ସେ କିଛି ଜରୁରୀ କାମରେ ଦୁଇ ଦିନ ପାଇଁ ସଦର ଯିବେ ବୋଲି କହିଲେ ମାତ୍ର ଅଫିସ ଗାଡ଼ିରେ ତେଣୁ ତାଙ୍କ ନିଜ ଗାଡି ପଠେଇ ଦେବେ ବୋଲି କହିଲେ।ମୁଁ ତାଙ୍କୁ ଜଲଦି ଫେରିବା ପାଇଁ କହି ଫୋନ କାଟିଲି। ତା ପର ଦିନ ସନ୍ଧ୍ୟାରେ ଯଥା ସମୟରେ ଆସି ରୋମା ପହଞ୍ଚି ଗଲା, ହେଲେ ସେ ଡ୍ରାଇଭର ମଉସା ଙ୍କ ଜାଗାରେ ଆଉ ଗୋଟେ ପିଲା ଥିଲା, ମଉସାଙ୍କର କଣ ହେଲା ବୋଲି ପଚାରିଲା ବେଳକୁ ସେ କହିଲା ସେ ଘରକୁ ଯାଇଛନ୍ତି। ରୋମା କୁ ରାତିରେ ମୁଁ ସଞ୍ଜୟ ଙ୍କ ବିଷୟରେ କହିଲି, ସେ ବ୍ୟସ୍ତ ହେଇଗଲା ତାଙ୍କୁ ଭେଟିବା ପାଇଁ। ତହିଁ ଆରଦିନ ମକର ସଂକ୍ରାନ୍ତି ଥାଏ, ରୋମା ଘଟଗାଁ ଯିବା ପାଇଁ କହିଲା, ମା' ଙ୍କ ସୁନାବେଶ ଦର୍ଶନ ସାଥେ ମକର ମେଳା ମଧ୍ୟ ବୁଲା ହେଇଯିବ। ହେଲେ ସଞ୍ଜୟଙ୍କ ଅଫିସ ଗାଡି ଖରାପ ହେବାରୁ ତାଙ୍କ ଡ୍ରାଇଭର କୁ ସେ ଗାଡି ନେଇ ଯିବା ପାଇଁ ଡ଼କେଇଲେ, ତେଣୁ ରୋମା ଆଉ ମୁଁ ଗୋଟେ ଭଡା ଗାଡି କରି ଘଟଗାଁ ଗଲୁ। ବୁଲାବୁଲି ସାରି ଫେରିଲା ବେଳକୁ ମୁହଁ ସଞ୍ଜ , ମୁଶଳ ନଦୀର ପୋଲ ଉପରେ ଗାଡିସହ ସଞ୍ଜୟ ଠିଆ ହୋଇଥିବା ପରି ଲାଗିଲା, ବୋଧେ କେନ୍ଦୁଝର ରୁ ଫେରି ଆସିଲେଣି। ମୁଁ ଆଉ ରୋମା କାର୍ ରୁ ଓହ୍ଲେଇ ତାଙ୍କ ପାଖକୁ ଗଲୁ, ସେ ଭଡା ଗାଡି କୁ ସଞ୍ଜୟ ପଇସା ଦେଇ ବିଦା କଲେ ଆଉ ଧୀରେ ଧୀରେ ମୋ ପାଖକୁ ଆସିଲେ, ମୁଁ ଭାବିଲି କିଛି ସରପ୍ରାଇଜ୍ ଅଛି ବୋଧେ, ହେଲେ ସଞ୍ଜୟ ମୋ ଗାଲରେ ଗୋଟେ ଶକ୍ତ ଚାପୁଡ଼ା କଷି ଦେଲେ... କଣ ହେଉଛି ମୁଁ ବୁଝି ପାରୁନଥିଲି, ରୋମା ପୁରା ଚୁପ, ସେ ଡ୍ରାଇଭର ପିଲା ଛୁ ମାରିଲାଣି।

ସଞ୍ଜୟ- କଣ ମତେ ଅପେକ୍ଷା କରି ପାରିଲୁନି, ଏତେ ଭିତରେ ମରି ଗଲୁ ମକର ମେଳା ବୁଲିବାକୁ, ହଁ ସେଇଠି କେତେ ଟୋକା ଥିବେ ତୋ ଦେହରେ ହାତ ମାରିଥିବେ ତତେ ଭାରି ପସନ୍ଦ ଆସିଥିବ ???

ସ୍ୱାତୀ- ମାନେ ?

ସଞ୍ଜୟ- ମାନେ ସେଦିନ ଘାଟି ଉପରେ ତୋ ଡ୍ରାଇଭର ମଉସା ଯେତେବେଳେ ତତେ ଟ୍ରକ ଆଗରୁ ଭିଡି ନେଲା ମୋ ରକ୍ତରେ ନିଆଁ ଲାଗିଯାଇଥିଲା, ମାରିକି ତା ହାତ ଭାଙ୍ଗିଦେଲି ମୁଁ, ତେଣୁ ସେ ବୁଢା ଲୁଚିକି ଘରକୁ ଚାଲିଗଲା... ତତେ ମୋ ଛଡା କେହି ଛୁଇଁ ପାରିବେନି, ତୁ ମୋର କେବଳ ମୋର।

ସ୍ୱାତୀ- ତୁମେ ମଣିଷ ନା ପଶୁ, ଇଏ କି ରୂପ ତମର ?

ରୋମା- ଏଇଟା ଗୋଟେ ବଦ୍ଧ ପାଗଳ, ଯା ସହ ତୁ ସାରା ଜୀବନ ବର୍ବାଦ କରିବାକୁ ବସିଥିଲୁ... ଭଲ ହେଲା ଠିକ ସମୟରେ ସବୁ ଜଣା ପଡିଗଲା।

ସଞ୍ଜୟ- ତୋ ଭଳି ଉଗ୍ର ଆଧୁନିକା ଝିଅ ସମଗ୍ର ନାରୀ ଜାତିର କଳଙ୍କ, ନିଜେ ତ ବାହା ହେଇନୁ ଏବେ ସାଙ୍ଗ ଘର ଭାଙ୍ଗିବାକୁ ଚାଲି ଆସିଲୁ...

ରୋମା- ଆବେ ଯା ଯା, ତୋ ଭଳି ସାଇକୋ ସାରା ଦୁନିଆଁ ପାଇଁ ମହାମାରୀ ପରିକା... ରୋମାର କଥା ନ ସରୁଣୁ ସଞ୍ଜୟ କ୍ଷିପ୍ର ବେଗରେ ତା ଆଡକୁ ମାଡିଆସି ତା ତଣ୍ଟି କୁ ଚିପି ଧରିଲେ, ରୋମା ନିଶ୍ୱାସ ନେଇ ପାରୁନଥିଲା, ମୁଁ ଧାଇଁ ଯାଇ ଛଡେଇ ବାକୁ ଚେଷ୍ଟା କରିବାରୁ ସଞ୍ଜୟ ମତେ ଗୋଟେ ଧକ୍କା ମାରିଲେ ଯେ ମୁଁ ସିଧା ନଦୀ ରେ ପଡି ଭାସିବାକୁ ଲାଗିଲି। ମୋ ଅବସ୍ଥା ଦେଖି ରୋମା କୌଣସି ମତେ ସଞ୍ଜୟ କବଳରୁ ଖସି ମତେ ଉଦ୍ଧାର କରିବାକୁ ଆସୁଥାଏ , ସଞ୍ଜୟ ଗୋଟେ ବିରାଟ ପଥର ଆଣି ତା ମୁଣ୍ଡକୁ ଶକ୍ତ ଆଘାତ ଦେଲେ, ରୋମା ତଳେ ପଡିଗଲା ନିସ୍ତେଜ ହୋଇ। ମୁଁ ଭାସି ଭାସି ହଠାତ୍ ଗୋଟେ ବଡପଥର ଦେହରେ ପିଟି ହେଲି, ବୁଲିପଡ଼ିଲା ବେଳକୁ ଦେଖିଲି ସେ ଶିଳା ଉପରେ ବନଦେବୀ ଙ୍କ ଆସ୍ଥାନ ସହ

ତ୍ରିଶୂଳ। ସଞ୍ଜୟ ଆଗେଇ ଚାଲି ଥିଲେ ରୋମା କୁ ପୁଣି ଥରେ ଆଘାତ ଦେବା ପାଇଁ, ମୁଁ ତ୍ରିଶୂଳ ଧରି ଧାଇଁଲି ସେ ଦିଗରେ। ସେ ରୋମା କୁ ମାରିବା ପୂର୍ବରୁ , ତା ଛାତି ରେ ତ୍ରିଶୂଳ କୁ ଆରପାର୍ କରିଦେଲି ମୁଁ, ନାଶ ଗଲା ପାପୀ ଶେଷ ହେଲା ପାପ। ତା ପରେ ରୋମା କୁ ନେଇ ତୁରନ୍ତ ମୁଁ ଡାକ୍ତରଖାନା ଗଲି ସେ ଅଳ୍ପ ଦିନରେ ସୁସ୍ଥ ମଧ ହେଲା, ମୋ ନାଁ ରେ କେଶ ଚାଲିଲା କିଛି ଦିନ ସଞ୍ଜୟ ହତ୍ୟା ପାଇଁ, କିନ୍ତୁ ତାହା ଆତ୍ମରକ୍ଷା ଉଦ୍ଦେଶ୍ୟରେ ହୋଇଥିବାରୁ ମୁଁ ନିର୍ଦ୍ଦୋଷରେ ଖଲାସ ହେଲି। ତା ପରେ ସବୁ ଏକାକାର, ପୁଣି ନିସଙ୍ଗତା...

ରାଜେଶ- ଆପଣଙ୍କ ନିସଙ୍ଗ ଜୀବନରେ କଣ ମତେ ଟିକେ ଜାଗା ମିଳିବ, ମୁଁ କଥା ଦଉଚି ଜମାରୁ ବିଶ୍ୱାସ ଭାଙ୍ଗିବିନି...

ସ୍ୱାତୀ- ଲେଟ ହେଲାଣି, ଆପଣ ପୁଣି ଯିବେ ନା ହରିଚନ୍ଦନପୁର। ରାଜେଶ ଆଉ ବେଶୀ କିଛି ନ କହି ନିଜ କାମସବୁ ସାରି ବାହାରିଲା ଗାଡି ଧରି ଆଉ ଗଲା ବେଳକୁ ସ୍ୱାତୀ କୁ କହିଲା- କେବେ କିଛି ସାହାଯ୍ୟ ଦରକାର ହେଲେ କହିବେ ମାଡାମ୍, ବର୍ଷା ଭିଜା ରାତିର ଆତିଥ୍ୟ ପାଇଁ ଅନେକ ଧନ୍ୟବାଦ, କେଜାଣି ପୁଣି କେବେ ଦେଖା ହେବ?

ସ୍ୱାତୀ- ବହୁତ ଶୀଘ୍ର, ଜଏନିଙ୍ଗ୍ ସାରି ଆସନ୍ତୁ ଲଞ୍ଚ ପାଇଁ ମୁଁ ଅପେକ୍ଷା କରିଥିବି...

ରାଜେଶ- ସବୁଦିନେ ଏମିତି ଆସିବି ତ?

ସ୍ୱାତୀ (ଅଳ୍ପ ହସି)- ପୋଲିସ ବାବୁ ଆପଣ ଭାରି ଦୁଷ୍ଟ...

**ଯାଜପୁର**



ଓଡ଼ିଆ କଥାଚିତ୍ର ଜଗତର ଟିକିନିଖି ତଥ୍ୟ


# ଆମ କଥାଚିତ୍ର

## ଲଳିତା | ୧୯୪୮



ସଂଗ୍ରାମ କେଶରୀ ସେନାପତି (ଗପୁ)
ଭଦ୍ରକ

https://odiamovies.gapu.in/






# ଲଳିତା

## ସ୍ୱାଧୀନ ଭାରତର ପ୍ରଥମ ଓଡ଼ିଆ କଥାଚିତ୍ର

- **ନିର୍ଦ୍ଦେଶକ : କଲ୍ୟାଣ ଗୁପ୍ତା**
- **ପ୍ରଯୋଜକ : ଗୌରେନ୍ଦ୍ର ପ୍ରତାପ ସିଂହ ଦେଓ (ଗ୍ରେଟ ଇଷ୍ଟର୍ଣ୍ଣ ମୁଭିଟୋନ)**
- **କଳାକାର : ଲୋକନାଥ ମିଶ୍ର, ଉମା ଗୋଏଙ୍କା, ସୁମତୀ ଦେବୀ, ଗିରିଧାରୀ ପଣ୍ଡା, ପଙ୍କଜ ନନ୍ଦ, ଦାମୋଦର ଦାସ, କୃଷ୍ଣ ଜେନା**
- **କାହାଣୀ, ସଂଳାପ, ଗୀତ : କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ**
- **ସଙ୍ଗୀତ : ଗୌର ଗୋସ୍ୱାମୀ, ସୁରେନ୍ ପାଲ୍**
- **ବିତରକ : ଭାଇବ୍ରତିକ୍ ଡିଷ୍ଟ୍ରିବ୍ୟୁଟରସ**
- **ମୁକ୍ତିଲାଭ ତାରିଖ : ୧୯୪୮**
- **ଖର୍ଚ୍ଚ : ଏକ ଲକ୍ଷ ଟଙ୍କାରୁ କିଛି କମ**

( ଛବି ଉତ୍ସ - ୧. ନବୀନ ପତ୍ରିକାରେ ପ୍ରକାଶିତ ଲଳିତାର ବିଜ୍ଞାପନ(ସୂର୍ଯ୍ୟ ଦେଓ), ୨. ଓଡ଼ିଆ ମେଲୋଡି ୟୁଟ୍ୟୁବ୍ ଚ୍ୟାନେଲ )

ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହର ଦୀର୍ଘ ବାରବର୍ଷ ବ୍ୟବଧାନ ପରେ ୧୯୪୮ରେ ମୁକ୍ତିଲାଭ କରିଥିବା ଏହା ହେଉଛି ଦ୍ୱିତୀୟ ଓଡ଼ିଆ ଚଳଚ୍ଚିତ୍ର ତଥା ସ୍ୱାଧୀନ ଭାରତର ପ୍ରଥମ ଓଡ଼ିଆ କଥାଚିତ୍ର। କେତେକ ସ୍ଥାନରେ ୧୯୪୯ ମସିହାରେ ଏହା ମୁକ୍ତିଲାଭ ହୋଇଥିବା ଉଲ୍ଲେଖ ରହିଛି।




ଶବରରାଜା ବିଶ୍ୱାବସୁ, ତାଙ୍କ କନ୍ୟା ଲଳିତା ଏବଂ ବିଦ୍ୟାପତିଙ୍କ ପ୍ରେମ କାହାଣୀ ଓ ନୀଳମାଧବଙ୍କ ପ୍ରତି ଭକ୍ତିଭାବକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ।




ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହର ହିରୋ ହୋଇଥିବା ମାଖନଲାଲ ବାନାର୍ଜୀଙ୍କ ପତ୍ନୀ ଉମା ବାନାର୍ଜୀ ଦ୍ୱିତୀୟ ଚଳଚ୍ଚିତ୍ର ଲଳିତାରେ ନାୟିକା ଭୂମିକାରେ ଅଭିନୟ କରିଥିଲେ। ଆସାମର ପୂର୍ବତନ ରାଜ୍ୟପାଳ ତଥା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ପୁତ୍ର ଲୋକନାଥ ମିଶ୍ର ଏଥିରେ ବିଦ୍ୟାପତି ଭୂମିକାରେ ଅଭିନୟ କରିଥଲେ। ନାୟିକା ଉମାଙ୍କ ବୟସ ଲୋକନାଥଙ୍କ ଠାରୁ ଯଥେଷ୍ଟ ଅଧିକ ଥିଲା।

ଲଳିତା ଚଳଚ୍ଚିତ୍ର ପାଇଁ ସେତେବେଳେ ମାତ୍ର ୧୦ଟି ସେଟ୍ ନିର୍ମାଣ କରାଯାଇଥିଲା। କଲିକତା ସ୍ଥିତ ବେଙ୍ଗଲ ନ୍ୟାସନାଲ ଷ୍ଟୁଡିଓରେ ଏହାର ଚିତ୍ରଗ୍ରହଣ କରାଯାଇଥିଲା। ସିନେମାଟି ପ୍ରଥମେ କଟକ କ୍ୟାପିଟାଲ ହଲରେ ମୁକ୍ତିଲାଭ କରିଥିଲା।

( ଛବି ଉତ୍ସ - ୩. ଟୁଇଟର (ତରଣୀ ଟଟର), ୪. ସେଲ୍ଫ ଗ୍ରୁପ (ତୁଷାରନାଥ ମହାପାତ୍ର)
ଉତ୍ସ - ସୂର୍ଯ୍ୟ ଦେଓ, ଓ ଏମ ଡ଼ି ବି, ଆଇ ଏମ ଡି ବି, ଉଇକିପିଡ଼ିଆ

# ବିଶ୍ୱରେ ବିରଳ ଆମ ଉତ୍କଳର ଜଗନ୍ନାଥ

ସତ୍ୟାନନ୍ଦ ପାଣିଗ୍ରାହୀ



ବଡ଼ଦିଅଁ ବୋଲି ସବୁ ବଡ଼ ହେଲା
ଗାଧୁଆ ବି ବଡ଼ ତୁମ
ଶହେ ଆଠ ଗରା ଗାଧୋଇବା ପଛେ
ଭକ୍ତ ଦରଶନେ ମନା।

ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ
ବିଧିମତେ ଗୋଧୋଇବା
ଏହିପରା ତୁମ ପୂରୁବ ପ୍ରସ୍ତୁତି
ରଥଯାତ୍ରା କରାଇବା।

ଭକତର ପ୍ରାଣ ଭକତ ସ୍ପନ୍ଦନ
ଭକତର ଲାଗି ଯାତ
ନବ ଯଉବନେ ଦେଇ ଦରଶନ
ଭକ୍ତ ହୃଦେ ଅବସ୍ଥିତା

ଗୁଣ୍ଡିଚା ରାଣୀଙ୍କ କଥା ରଖି ପ୍ରଭୁ
ଆରମ୍ଭିଲ ଏହି ଯାତ
ସ୍ନାନ ମଣ୍ଡପରୁ ଆରମ୍ଭ ହୁଅଇ
ନୀଳାଦ୍ରି ବିଜେ ସମାପ୍ତ।

ରଥ ଯାତରାର ଆଠଗୋଟି ଦିଗ
ପ୍ରଥମେ ସ୍ନାନ ଉତ୍ସବ
ଦ୍ୱିତୀୟେ ଅନବସର ତୃତୀୟରେ
ହୋଇଥାଏ ନେତ୍ରୋତ୍ସବ।

ଚତୁର୍ଥେ ପଡଇ ଗୁଣ୍ଡିଚା ଯାତରା
ପଞ୍ଚମେ ହେରାପଞ୍ଚମୀ
ଷଷ୍ଠରେ ଆସଇ ଆଡ଼ପ ପରବ
ଭକ୍ତ ନାଚୁଥାନ୍ତି ଝୁମି।

ସପ୍ତମରେ ହୁଏ ବାହୁଡା ଯାତରା
ଅଷ୍ଟମେ ନୀଳାଦ୍ରିବିଜେ
ନନ୍ଦିଘୋଷେ ଦେଖି ପ୍ରଭୁ ଜଗନ୍ନାଥ
ଭକତର ଦୁଃଖ ହଜେ।

ଜଗତର କର୍ତ୍ତା ସର୍ବହୃଦ ସ୍ଥିତା

ପତିତ ଉଦ୍ଧାର ପାଇଁ

ବରଷକେ ଥରେ ମନ୍ଦିର ବାହାରେ

ଆସିଥାନ୍ତି ପରା ଧାଇଁ।

ବିଶ୍ୱରେ ବିରଳ ଆମରି ଉତ୍କଳ

ପ୍ରଭୁ ଜଗନ୍ନାଥ ପାଇଁ

ତାଙ୍କରି ନାମଟି ତୁଣ୍ଡେ ଥାଉ ସଦା

ଗରବେ ଓଡ଼ିଆ ହୋଇ।

।।ଜୟ ଜଗନ୍ନାଥ।।

ଭୁବନେଶ୍ୱର



# ନିଶ୍ଚନ୍ତା ସ୍ନାନ

ହିମାଂଶୁ ଭୂଷଣ ସାହୁ



ଆଙ୍କେ ଅଙ୍କେ ଜଳଦ
ସାଥେ ତା ଅନିଳ ଅହମିକା ଧରି
ସତେ ବିଜୟର ବନା ମସ୍ତକେ,
ଶୁଭ୍ର ବୃଷ୍ଟି ସଙ୍ଗେ
କରୁଅଛି ଦେଖ ସାର୍ବଭୌମ ସାରି ।

ତ୍ରିଦଶରୁ ମେଘବାନ ମାତିଛି
ଅନୀଙ୍କିନୀ ସହ ନିଳାମ୍ବୁ ବ୍ୟାପିଛି
ହରିବକି ଭିଆଇବ ସୌନ୍ଦର୍ଯ୍ୟ,
ଜୀବଗ୍ରାମ ଉଲ୍ଲାସ
ଉଛନ୍ନରେ କେହି ଶାଳିକା ଧାବୁଛି ।

ଅଦ୍ରୀ ଶିଖରରୁ କ୍ଷଣେ ଫୁଟେ ଝରଣା
ସାଥେ ବହିଆଣେ କୁଜଟ
ଆଦିତ୍ୟ ମୟୁଖେ ଦିଶେ ରୂପାମୟ,
ପଦ ଅଳଙ୍କାର ପିନ୍ଧେ
ନିଶ୍ଚନ୍ତାର ସବୁଜିମା ତଟ ।



ହରିବରୀ ପାଶେ ହରି ଭାସିଯାଏ
ହରି ଶଙ୍କାକରେ ଜଳଦ ବଜ୍ର
ତୁଣ୍ଡୁଭ ଭସାଏ ରୁପା ଅଳଙ୍କାର,
ହରି ନାଚିନାଚି ପିଏ ଶୁନ୍ୟ ଜଳ
ବିଚିତ୍ର ଯେ କାର୍ଯ୍ୟ ବାଘୁତି ମା'ର ।

ମଉନେ ଲୁଚିଯାଏ ନିଶ୍ଚନ୍ତା
ଜୋଡହସ୍ତେ କିଛିକ୍ଷଣ
ଦ୍ୟୁତିକୁ ସମର୍ପେ ତା ଦୀର୍ଘ କାୟା,
ଚଞ୍ଚୁ ମୁଦି ସ୍ୱାହାନ ସାରେ
ସିକ୍ତ ଗାତ୍ର ତା'ର ଆନନ୍ଦେ ତନ୍ମୟ ।

ସୋଲଗାଡ଼ିଆ
ଢେଙ୍କାନାଳ ୭୫୯୦୧୬

# କାଗଜର ଗୁଚ୍ଛ

ବର୍ଷା ବୈଶାଳୀ ପ୍ରଧାନ



ବହୁତ ଦିନ ପରେ ତୁମକୁ ଭେଟିଲି।

ତମେ ଯେମତି ଥିଲ ଠିକ୍ ସେମିତି ଅଛ;

ଶାନ୍ତ ସ୍ଥିର ଓ ନିର୍ମଳ,

ହେଲେ ଖୁବ୍ ବଦଳି ଯାଇଛି ମୁଁ।

ଆଲୋଡ଼ନ ଭରି ଅସ୍ଥିର ସାଜିଛି ମନ।

ଇଚ୍ଛା ତମ ପରି ନିର୍ବିକାର ହୋଇ

ଫର୍ଦ୍ଦ ଫର୍ଦ୍ଦ ଜୀବନର ପୃଷ୍ଠା କୁ ଓଲଟାଇ ଯିବାକୁ,

ଆଉ ଭରି ଦେବାକୁ ସେ ପୃଷ୍ଠାରେ ସ୍ୱପ୍ନର ପ୍ରବନ୍ଧ।

ଆମ ଭିତରେ ବହୁ ଦିନର ବ୍ୟବଧାନ ପରେ

ପୁଣି ଏ ସମ୍ପର୍କ ଆଗ ପରି ନିବିଡ଼ ହେବ କି ନାଇ ଜାଣିନି,

କିନ୍ତୁ ତୁମକୁ ହରେଇବାକୁ ମୁଁ ଆଉ ଚାହୁଁନି।

ମୋ ଦୁନିଆ ରେ ତମେ ସିଏ

ଯିଏ ଜାଣେ ମୁଁ କିଏ,

କଣ ଚାହେଁ,

କଣ ପାଇଛି,

କଣ ହରେଇଛି,

ସବୁ କିଛି।

ଅଭିଯୋଗ ଅହଂ ଅଭିମାନ ଭରା ଯେ ଦୁନିଆ ରେ

ତମେ ମୋ ଆତ୍ମବିଶ୍ୱାସ।

ଭୟଭୀତ ସ୍ଥିତିରେ ତୁମେ ମୋର ସାହସ।

ହୋଇପାର ଦୁନିଆ ପାଇଁ ତୁମେ କାଗଜର ଗୁଛ,

ହେଲେ ମୋ ପାଇଁ ତୁମ ବିନା ଆଉ ସବୁ ମିଛ।

କେନ୍ଦ୍ରାପଡ଼ା



# ସାଇକେଲ

ସର୍ବେଶ୍ୱର ସାହୁ



ସାଇକେଲ ମାରି ଯାଇଥିଲି ଦିନେ
ଭ୍ରମଣରେ ବାହାରକୁ;
ଦେହ ମନେ ଲାଗି ମଧୁର ପବନ
ଶାନ୍ତି ଦେଲା ହୃଦୟକୁ|୧|

ମନେ ମୋ ନଥିଲା ହେଲମେଟ ଭୟ
ନଥିଲା କାହାର ଡର;
ସକାଳ ବ୍ୟାୟମ ସମ୍ପନ୍ନ ହୋଇଲା
ଦେହରେ ଆସିଲା ବଳ|୨|



ଚିର ସବୁଜର ପ୍ରକୃତି ଦୃଶ୍ୟରେ
ନିଜକୁ ହଜାଇ ଦେଇ ;
ଅଶାନ୍ତ ମନକୁ ଶାନ୍ତ କରିଦେଲି
ମଧୁର ପବନ ଖାଇ|୩|

ସେବେଠୁ ଭାବିଲି ,
କାହିଁକି ମିଛରେ ପେଟ୍ରୋଲ ପୋଡି ମୁଁ
ଚଳାଇବି ମୋଟରକୁ;
ସାଇକେଲ ଚଳାଇ ଖୁସିରେ ବୁଲି ମୁଁ
ହରାଇବି ବିପଦକୁ|୪|

ହେଲମେଟ ବିନା ଘରୁ ବାହାରିଲେ
ମାମୁଁ ତ ବାଟରେ ଥିବେ;
ଲମ୍ବାଳିଆ ଏକ ଚାଲାଣ ସାଥିରେ
ଫାଣ୍ଡିରେ ପୂରେଇ ଦେବେ|୫|

ସାଇକେଲ ଯେବେଠୁ ଧରିଛି ମନରେ
ନାହିଁ ମାମୁଁ ଘର ଭୟ;
ଚିନ୍ତା ନାହିଁ ଆଉ ପେଟ୍ରୋଲ ଦରକୁ
ମନ ମୋ ହୋଇଛି ଥୟ।୬।

ମୋଟର ଯାନରେ ପରିବେଶ ହୁଏ
ପ୍ରଦୂଷିତ ରୋଗ ଶକ୍ତ;
ହେଲେ ସାଇକେଲ ଚଢ଼ି ବୁଲୁଥିଲେ
ନିଜେ ହେବା ରୋଗ ମୁକ୍ତ।୭।

ଏତିକି ମନରେ ହେଜି ରଖିଥାଅ
ଉନ୍ନତିର ଭ୍ରାନ୍ତ ଧାରେ;
ଗାଡି ମୋଟରରେ ଦୁର୍ଘଟଣା ହୁଏ
ଚଞ୍ଚଳ ବେଗ ନାଆଁରେ।୮।

ସାଇକେଲ ଶିଖାଏ ଆମକୁ ସମାଜେ
ଠେକୁଆ କଇଁଚ କଥା;
ତେଲ ସରିଗଲେ ମଟର ରହିଲା
ପ୍ୟାଡେଲ ହେବ ବିଜେତା।୯।

ଧାମନଗର, ଭଦ୍ରକ




# ପାନ୍ଥଶାଳାର କ୍ଳାନ୍ତ ଅତିଥି

ଶୁଭସ୍ମିତା ଦାସ



ମୁଁ ଯେ ପାନ୍ଥଶାଳାର କ୍ଳାନ୍ତ ପଥିକ
ଅଲୋଡ଼ା ଅତିଥି ଦିନକ ପାଇଁ
ଶାନ୍ତି ପାଇଁ ଯେତେ କ୍ରାନ୍ତି କରୁଅଛି
କେଉଁଠି ନିମିଷେ ପାରୁନି ରହି!
ନିଶିର ପ୍ରଥମ ପ୍ରହର ପାହିଛି
ଅଜଣା ଖୁସିରେ ପାଗଳ କରି
ଦ୍ୱିତୀୟ ପ୍ରହର ସୁଖ ଲୁଟିନେଲା
ଅନ୍ତରେ ବିରହ ବେଦନା ଭରି!
ଭ୍ରାନ୍ତ ଭାବନାରେ ପଥଶ୍ରାନ୍ତ ଆଜି
ଅନ୍ତହୀନ ଆଶା ଅନ୍ତରେ ରହି
ଜାଣେନା କାହା ପାଇଁ ବଞ୍ଚିଛି ଆଜିମୁଁ
ଆଖିରେ ଆଖିଏ ସପନ ନେଇ
ପ୍ରତାରିତ ପ୍ରାଣେ ତୃତୀୟ ପ୍ରହର
ଆଖିରେ ଭରିଛି ଅସରା ଲୁହ
କହୁଅଛି ପୁଣି ତୁଟାଇ ଦେବାକୁ
ପାନ୍ଥଶାଳାର ମମତା ମୋହ!
ତଥାପି କାହିଁକି ଅପେକ୍ଷାରତ ମୁଁ
ଅବିଶ୍ରାନ୍ତ ପ୍ରାନ୍ତ ପ୍ରହର ଚାହିଁ
ମୁଁ ଯେ ପାନ୍ଥଶାଳାର କ୍ଳାନ୍ତ ପଥିକ
ଅଲୋଡ଼ା ଅତିଥି ରାତିକ ପାଇଁ !

ନାଗପଡ଼ା, ଆଳି
କେନ୍ଦ୍ରାପଡ଼ା



# ମୋ ପ୍ରିୟା

ଶୁଭମ ନାଥ



ତୁମ ନୀଳ ଆଖି କଜ୍ୱଳ ଶୋଭିତ
ତା ମଧ୍ୟେ ଚଞ୍ଚଳ ଡୋଳା
ସତେକି ଯେପରି ଚିଲିକା ଗର୍ଭରେ
ଭଗ୍ନ ପ୍ରାୟ ପ୍ରେମ ଭେଳା||୧||

ତୁମ କେଶ ଗୁଛ ବିଛୁରିତ ହୋଇ
କରେ ମୋତେ ଆପ୍ୟାୟନ
ସତେକି ଯେପରି ଧୀବର ଜାଲରେ
ବନ୍ଦୀ ପ୍ରାୟ ଏକ ମୀନ ||୨||

ତୁମ କର୍ଣ୍ଣ ଶୋଭା କି ଲେଖିବି ଆଉ
ସତେ ପଳାଶ ପାଖୁଡା
ତାରକାଶୀ କାର୍ଯ୍ୟେ ସଜ୍ଜିତ କୁଣ୍ଡଳ
ତହିଁ ଲାଗେ ଲଜ୍ଜା ରୂଢା ||୩||

ପୂର୍ବ ଆକାଶର ପୂର୍ଣ୍ଣିମା ଚାନ୍ଦକୁ
ସାଜ ନିଜ କପୋଳରେ
ମୋ ନେତ୍ର ଚକୋର ଜୀବନ ଆକାଶେ
ଝୁରେ ସେ ଚନ୍ଦ୍ରକୁ ଝୁରେ ||୪||

ତୁମ କେଶ ଗୁଛ ସଦା ଗତିମତି
ମନ୍ଦାକିନୀ ଜଳ ଧାରା
ପୁଷ୍ପଙ୍କ ମଧ୍ୟରେ ବିବାଦ ଉପୁଜେ
କେ ହେବ ତହିଁରେ ଧରା ||୫||

ଭ୍ରମରର ସତେ କି ଭାଗ୍ୟ କେଜାଣି
ସଦା ତହିଁ ଘୁରୁଥାଏ
ରଜନୀଗନ୍ଧାର ସ୍ୱର୍ଣ୍ଣ ବାହାନାରେ
ତୁମ କେଶ ଚୁମୁଥାଏ ||୬||

ତୁମ ଭ୍ରୂଲତାର ଲାଳିତ୍ୟ ଭଙ୍ଗିମା
ସତେ ଯେ ଫଣା ସର୍ପର
ପ୍ରେମର ପିଉସ ଅମୃତ ଦନ୍ତରେ
ଦଂଶେ ମୋତେ ବାରମ୍ବାର ||୭||

ଶ୍ୱେତପଦ୍ମ ପାଦେ ଅଳକ୍ତକ ରଙ୍ଗ

ଯେବେ ମାଖ ପ୍ରିୟତମା

ପ୍ରୀତିର ସମ୍ଭାରେ ହୃଦୟ ତନ୍ତ୍ରୀରେ

ବାଜି ଉଠେ ପ୍ରେମ ବୀଣା ||୮||

ରକ୍ତଯବା ତୁମ ଜବାଧାର ବର୍ଣ୍ଣ

ତହିଁ ଶୋଭା ରକ୍ତ ରାଗ

ଶେଫାଳୀ କଳିର ବୃନ୍ତ ଲାଲିମା

ଫିକା ଲାଗେ ତାହା ଆଗ ||୯||

ଶ୍ୱେତାଙ୍ଗନା ତୁମ ବସନ ଶୋଭାର

କି ଦେବି ଆଉ ଉପମା

ପାଟ ପିତାମ୍ବରି ଓଢ଼ଣା ଆଳରେ

ବସିଛି ମୋ ପ୍ରିୟତମା ||୧୦||

ତୁମ ପାପୁଲିରେ ହୃଦୟ କୁ ମୋର

ଏମିତି ଦେଇଛି ଥୋଇ

ସତେ କି ଯେଭଳି ସାମୁକା ମଧରେ

ମୋତି ଟିଏ ଅଛି ରହି ||୧୧||

ତୁମ କଣ୍ଠେ ଶୋଭା ସ୍ୱର୍ଣ୍ଣ ଚୀନାମାଳ

ଶୋଭା ବର୍ଦ୍ଧେ ଅନ୍ୟ କଣ୍ଠେ

ହେଲେ ସେ ମାଳଟି ମଲାଙ୍ଗ ଲତାଟେ

ତୁମ ଦିବ୍ୟ ଶୁଭ୍ର କଣ୍ଠେ ||୧୨||

ତୁମ ଗୋରା ପଦେ ରୂପାର ପାଉଁଜି

ସତେ କାଠଚମ୍ପା ହାର



ତୁମ ସୁନା ପାଦ ଔଜଲ୍ୟ ଆଗରେ

ମୋତି ପ୍ରଭା ହୁଏ ଛାର ||୧୩||

ତୁମ କଣ୍ଠ ସ୍ୱର ମଧୁରେ ପୁରିତ

ସତେ ରାବ ମୟୂରୀର

ମେଘମାନସଙ୍କ ଆଗମନେ ସତେ

ଏହା ରାଗ ମହ୍ଲାରର||୧୪||

ଅସ୍ତଗାମୀସୂର୍ଯ୍ୟ ପଶ୍ଚିମ ଆକାଶେ

ବୁଣେ ଯେଉଁ ରଙ୍ଗ ନାଲି

ସୂର୍ଯ୍ୟର ବଡ଼ିମା ନାହିଁ କିଛି ଏଠି

ସେ ତୁମ ଗାଲର ନାଲି ||୧୫||

ଶୁଣ ପ୍ରାଣସହି ପ୍ରସାଧନ ଦ୍ରବ୍ୟ

ମାଖ କାହିଁ ତନୁଧାରେ

ସେ ତୁଚ୍ଛ ସାମଗ୍ରୀ ଶିଶିର ବୁନ୍ଦା ଯେ

ତବ ମୁଖ ପଲ୍ଲବରେ ||୧୬||

ଯାଜପୁର

+୩ ୧ମ ବର୍ଷ କଳା (ଦର୍ଶନ ସମ୍ମାନ)




# ଅଶାନ୍ତ ଉର୍ମି

ମମତା ଦାସ



ବିସ୍ତୃତ ବିଶାଳ ବେଳାଭୂମି
ନୀଳ ସମୁଦ୍ର ଓ ଜହ୍ନରାତିର ମୋହ
ଅବୟବେ ମୃଦୁ ମନ୍ଦ ମଳୟର ସ୍ପର୍ଶ
ଉନ୍ମାଦିତ ମସ୍ତକ ଓ ଛାତିଏ କୋହ।
ପ୍ରଶ୍ନ ସବୁ ଚିହିଁକି ଉଠିଲେ ଶାମୁକା ମଧ୍ୟରୁ
ଆନ୍ଦୋଳିତ କଲେ, ଖୁବ୍ ଭିଜାଇଲେ
ହେଲେ ମୁଁ ସାଜିଗଲି ନୀରବଦ୍ରଷ୍ଟା
ବିଦ୍ରୋହ କରୁଥିଲେ ଶବ୍ଦରାଶି।
ଠିକ୍ ସେହି ନୀଳସମୁଦ୍ରରେ ତରଙ୍ଗର ଗତି ପରି
ବାଡେଇ ହେଉଥିଲେ ହୃଦ ପାଚେରିରେ
ସତେକି ଉଚ୍ଛୁଳି ପଡ଼ିବେ ସେ ଅଶାନ୍ତ ଉର୍ମି ପରି
ଇତସ୍ତତ ସଂଯତ କରିନେଲି ନିଜକୁ,
ବିଚ୍ଛୁରିତ ଜହ୍ନାଲୋକେ ଦେଖିଲି ତା ମୁହଁକୁ
ବୁଝିଲ କି ନ ବୁଝିଲା
କି ଜାଣିଜାଣି ନ ଜାଣିବାର ଅଭିନୟ କଲା
ବୁଝିବା ହେଲା ଅସମ୍ଭବ ନିଜକୁ।
ତଥାପି ଶାନ୍ତି ପାଏ ନୀଳସମୁଦ୍ରର ଗର୍ଜନ ଭିତରେ
ନିଜକୁ ହଜାଏ କେଉଁ ଅଜଣା ଦୁନିଆରେ
ହଜାଏ ଭିଜାଏ ତା ସମୃତି ତରଙ୍ଗ
ସେ ତରଙ୍ଗେ ମୁଁ ଆଜି ତରଙ୍ଗାୟିତ
ଅଶାନ୍ତ ଉର୍ମି ପରି ଭାରି ଅଣାୟତ।

କୁଦିଆରୀ, ଜଟଣୀ
ଖୋର୍ଦ୍ଧା



# ROTARACT CLUB OF BHUBANESWAR

District 3262
Rotaract
Bhubaneswar

## JOIN ROTARACT



**ROTARACT ORIGINALLY BEGAN AS A ROTARY INTERNATIONAL YOUTH PROGRAM IN 1968 AT CHARLOTTE NORTH ROTARY CLUB IN CHARLOTTE, NORTH CAROLINA, UNITED STATES, AND HAS GROWN INTO A MAJOR ROTARY-SPONSORED ORGANIZATION OF OVER 10,904 CLUBS SPREAD AROUND THE WORLD AND 250,792 MEMBERS IN 184 COUNTRIES.**

**ROTARACT CLUB OF BHUBANESWAR IS SPONSORED BY ROTARY CLUB OF BHUBANESWAR, RID 3262, ODISHA, INDIA, STARTED ON 06/12/2012 WITH A MOTTO TO SERVE THE SOCIETY AND BRING CHANGES.**

rotaract_club_of_bhubaneswar

6372822234

# ଆହେ ଓଡ଼ିଶାର ଜନତା

ମନମୋହନ ମିଶ୍ର



ପରାଧୀନ ଭାରତକୁ ସ୍ୱାଧୀନ କରିବା ପାଇଁ ଏବଂ ତତ୍କାଳୀନ ସାମନ୍ତବାଦୀ ଓ ଔପନିବେଶିକ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ହାସଲ କରିବା ଲକ୍ଷ ନେଇ ମନମୋହନ ମିଶ୍ର(୧୯୨୦-୨୦୦୦) କବିତା ଲେଖିବା, ସ୍ୱର ସଂଯୋଜନା କରିବା ଏବଂ ସ୍ୱରଚିତ କବିତାଗୁଡ଼ିକୁ ଆବୃତ୍ତି କରି ଦେଶର ଅଗଣିତ ଖଟିଖିଆ, ମୁକ୍ତିକାମୀ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିପାରୁଥିଲେ। କବି ମନମୋହନ ଦୀର୍ଘ ୬୬ ବର୍ଷ ଧରି ଅସଂଖ୍ୟ ବିପ୍ଳବୀ କବିତା ରଚନା କରି ଯାଇଛନ୍ତି। ପୀଡ଼ିତ ଲୋକର ପ୍ରାଣର ସ୍ୱର, ମର୍ମବେଦନା ତାଙ୍କ କବିତାର ଏକ ପ୍ରମୁଖ ଉପାଦାନ। ଜଣେ ବାମପନ୍ଥୀ ନେତା, ସ୍ୱାଧୀନତା ସଂଗ୍ରାମୀ ସହିତ ଆଜୀବନ ଶୋଷଣ, ଅତ୍ୟାଚାର ଓ ଅବିଚାର ବିରୋଧରେ ଲଢ଼େଇ କରିଥିବା ନିଜ ଜୀବନର ଅଭିବ୍ୟକ୍ତିକୁ ହିଁ ସେ କବିତାରେ ରୂପ ଦେଉଥିଲେ।

ଆହେ ଓଡ଼ିଶାର ଜନତା
ପୋଡ଼ିଯାଉ ମୋର ଲେଖକ ହେବାର
ନଗଲା ଯଦି ମୋ ବାରତା ।
ପୋଡ଼ିଯାଉ ମୋର ସଳଖ ସୁନ୍ଦର
ନାନା କାରୁକାମ ଶବଦ,
ପୋଡ଼ିଯାଉ ମୋର ସଜଫୁଟା ଫୁଲ
ଭଳି ସନାତନ ଦରଦ ।
ମୋ ଗୀତ ପଦିକେ ତୁମର କାହାଣୀ
ତୁମେ ବୁଝି ନପାର,
ଧିକ ଧିକ ମୋର କବି ବୋଲାଇବା
ଧିକ ମୋ ଲେଖକ ହେବାର
ତୁମେ ଯଦି ହେଲ କଚେରୀ ଦୁଆରେ
ସାହୁକାରେ ହାତେ ନିଲାମ
ବାଲି ଗରଡ଼ାଟି ପାଲଟିଲା ସିଏ
ମଣିଥିଲ ଶାଳଗିରାମ ।

ଆଠ କାଳି ବାରମାସି ଖଟି ଖଟି
ପେଟକୁ ଦାନା ନ ଜୁଟିଲା
ସେହି ପେଟ ଲାଗି ଏକଠୁଳ ହେବ
ଏକଥା ଯେବେ ନ ଫୁଟିଲା,
ଯାଏ ଆସେ କେତେ କେତେଟା ପତ୍ରିକା
ମୋ କବିତା ଲେଖା ଛାପିଲେ
ଯାଏ ଆସେ କେତେ କେଉଁ ଗୁଣିଆ ସେ
ମୋ କବିତା ଗୁଣ ମାପିଲେ,

ଆହେ ଓଡ଼ିଶାର ଜନତା

ତୁମକୁ କରିଲି ଅବ୍ୟୟ ମୁହିଁ ଆପେ ବୋଲାଇଲି କରତା।

ମୋତେ ବହଲାଇ କେତେ ବଚନିକା

କରି ନାହିଁ ମୁହଁ ତିଆରି !

"କବିତା କି ତୁଚ୍ଛା ଅଦାର ବେପାର

ମୁରୂଖର ସାଗ କିଆରି ?"

ତୁମକୁ କରିଲି ଅଳ୍ପ ମୁରୁଖ

ମୋ ଲେଖାକୁ କଲି ଆରସି

ତୁମକୁ ବିଚାରେ ଅରସିକ ଜନ

ମୋ ଗୀତକୁ ନାହିଁ ପରଶି ।

ମୋ କବି ପଣିଆ ରହିଲା ମୋ ପାଶେ

ତୁମେ କଲ ଦୂରୁଁ ଜୁହାର

ଢାଳେ ନ ଢାଳିଲ କରୁଣା ପଲକ

ଯେତେ ବହି କଲି ବାହାର।

ନବ ଯଉବନୀ ଛବି ଚମକାଇ

କେତେ ପତ୍ରିକା ଛାପିଲି

କେତେ ନାଗରୀର ଚରଣ ଅଳତା

ଲେଖି ଲେଖି କାଳ ଯାପିଲି ।

ନୂଆ ରସକେଳି ନବ ନଟୁଚୋରୀ

ଯେତେ ଯେତେ କଲି ବାହାର

ଜନନୀ ଭଗନୀ ଅପମାନେ ମଲେ

ତେବେ ନ ଚଳିଲା ବେଭାର !

କିଏ ମନ କଲୁଁ ବିଲାତର କବି

ଏଲିଏଟ୍ ହେବୁ ଏ ଦେଶେ

ନବୀନ ଭଞ୍ଜ ସମରାଟ ହେବୁଁ

ଜନତାକୁ ଦେବୁ ଆଦେଶେ ।

କିଏ ସେ ସାଜିଲୁଁ ବଢ଼ିଆ କଥକ

ମୋ-ପାସୋଁ ବନିଲୁ କଟକେ

କିଏ ସେ ମାଜିଲୁ କଲମ ମୂନରେ

ନୋବେଲ ପ୍ରାଇଜ୍ ଝଟକେ ।

ଆପେ ଲେଖି ଆପେ ଗ୍ରାହକ ହୋଇଲୁ

ପରସ୍ପରେ ଦେଲୁ ବଧାଇ,

ଆମେ ପାଲଟିଲୁ ଶିରୀ ଚଇତନ

ଆମେ ହିଁ ଜଗାଇ ମାଧାଇ ।

ତଥାପି ତୁମର ଚେତନା ନୋହିଲା

ହେଲ ଅଗୁଆଁର ଏତିକି

ଶାରଳା ଭାରତ, ଭାଗବତ ପୋଥି

ଲଗାଇଲ କେଉଁ ଭେଳିକି ।

ସୁଖେ ଖାଇପିଇ ମୁଖ ପୋଛେ ଯିଏ

ସେ ଲେଖେ ଭୋକର ବେଦନା,

ହେ ଭୋକିଲା ଦଳ, ତୁମେ ନ ପଢ଼ିଲ

ଏଥି ବଳି ଅଛି ଶୋଚ୍ନା ?

ଆହେ ଓଡ଼ିଶାର ଜନତା

ତୁମର କବି ଏ ଘୋଷଣା କରୁଛି

ଅକାତରେ ଏଇ ବାରତା;

ନହେଉ ପଛେ ମୋ ରବୀନ୍ଦ୍ର ହେବାର

ଭାବ ବିନୋଦିଆ ପରବ

ନ ହେଉ ପଛେ ମୋ ଅଭିଜାତ ପୁର

କବି ତୁମେ ଗଣା ଗରବ ।

ନ ପଡୁ ପଛେ ସେ ଏକାଡ଼େମୀ ଘରେ

ମୋ ନାଆଁର ଗାର ନ ପଡୁ,

ଭାନୁମତୀ ଦେଶ ଉପମା ଫସଲେ

ମୋ ଭାବ ଅମାର ନ ବଢୁ ।

ଯେତିକି ପାରିବି ସେତିକି ତୁମକୁ

ଯେସନେ ପାରେ ମୁଁ ଫୁଟାଇ,

ସେଥିପାଇଁ ଯେତେ ପୋଲା ବାହାଦୂରି


ସବୁତକ ଦେଲି ଉଡ଼ାଇ ।

ଆହେ ଓଡ଼ିଶାର ଜନତା

ଏତିକି ମାଗୁଣି ମୋହରି ବାଣୀରେ

ତୁମେ ହୁଅ ଚିର କରତା ।





# ରଥଯାତ୍ରା ପରିପ୍ରେକ୍ଷୀରେ ସୋରିଷ ଦାନା ଉପରେ ଖାଲି ଆଖିରେ ୫୦ସେକେଣ୍ଡରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚିତ୍ର କରିଛନ୍ତି ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ

DIGITALLY PUBLISHED BY A P SUBHAKANTA SAMAL ON BEHALF OF SHUBHDRISTI.
UDYAM-OD-13-0001171.
ADDRESS: SHUBHDRISTI SATI NIVAS, HARIPUR, KHADIANGA, JAJPUR 755049.
www.shubhdristi.in @shubhdristi